୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.230 Bhubaneswar Thursday October 24 2024 | ୨୬ତମ ବର୍ଷ ସଂଖ୍ୟା–୨୩୦ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବସିଥିଲା ବିଜେଡି ନେତାଙ୍କ ବୈଠକ, ହଠାତ୍ ପହଞ୍ଚିଗଲେ ବବି

ଭୁବନେଶ୍ୱର,୨୩।୧୦(ପି.ଏନ): ବୋଧହୁଏ କେହି ଜାଣିନଥିଲେ। ବାତ୍ୟା ପରିଚ଼ାଳନା ପାଇଁ ବାରିପଦା ବିଜେଡି ଅଫିସ୍ ?ରେ ଚ଼ାଲିଥିବା ବୈଠକରେ ହଠାତ୍ ? ପହଞ୍ଚିଲେ ବବି ଓରଫ ପ୍ରଣବ ପ୍ରକାଶ ଦାସ। ବୈଠକରେ ବବିଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ବିଜେଡି ନେତା ଓ କର୍ମକର୍ତ୍ତା। ତେବେ ଏଠି ପ୍ରଶ୍ନ ହେଉଛି, ବବିଙ୍କ ଅଚ଼ାନକ ବାରିପଦା ଗସ୍ତ ବାତ୍ୟା ପରିଚ଼ାଳନା ନା ଜିଲ୍ଲା ବିଜେଡି ଗୋଷ୍ଠୀ କନ୍ଦଳ ସଜାଡିବା ! ଏହାକୁ ନେଇ ନାନା ଚ଼ର୍ଚ୍ଚା ହେଉଛି ।ମୟୂରଭଞ୍ଜ ଜିଲ୍ଲାରେ ବାତ୍ୟା 'ଦାନା' ମୁକାବିଲା ପାଇଁ ଆଜି ଅପରାହ୍ଣରେ ବାରିପଦା ସ୍ଥିତ ବିଜୁ ଭବନରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡିଙ୍କ



ଅଧ୍ୟକ୍ଷତାରେ ବସିଥିଲା ବୈଠକ। ଏଥିରେ ପୂର୍ବତନ ଉପ ବାଚ଼ସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ଅନେକ ବରିଷ୍ଠ, ଯୁବ ଏବଂ ଛାତ୍ର ନେତା ପ୍ରମୁଖ ସାମିଲ ହୋଇଥିଲେ। ନିର୍ଦ୍ଧାରିତ ସମୟରେ ବୈଠକ ଆରମ୍ଭ ହୋଇଥିଲା।

## 'ସୁଭଦ୍ରା' ଗାଇଡଲାଇନରେ ସଂଶୋଧନ: ୨.୬୭ଲକ୍ଷ ଖାରଜ ଆବେଦନର ହେବ ପୁନଃବିଚ଼ାର

ଭୁବନେଶ୍ୱର,୨୩।୧୦(ପିଏନ):ରାଜ୍ୟର ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ଦେଶ୍ୟରେ 'ସୁଭଦ୍ରା'ର ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଯୋଗ୍ୟ ହିତାଧିକାରୀ ଚ଼ୟନ ନିମନ୍ତେ ରାସନକାର୍ଡ (ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା) ଡାଟାବେସରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ଖାରଜ ହୋଇଥିବା ୨ଲକ୍ଷ ୬୭ହଜାର ଆବେଦନର ପୁନଃବିଚ଼ାର କରିବା ସରକାରଙ୍କ ପକ୍ଷେ ସମ୍ଭବପର ହୋଇପାରିବ ।ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ସୁଭଦ୍ରା ଗାଇଡଲାଇନ'ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି



। ଏହାପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚ଼ନା ଦେଇ କହିଛନ୍ତି ଯେ, ସୁଭଦ୍ରା ଯୋଜନାରେ ମୋଟ ୧କୋଟି ୨ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି । ବିଭିନ୍ନ କାରଣରୁ ୨ଲକ୍ଷ ୬୭ହଜାର ଆବେଦନ ଖାରଜ ହୋଇଯାଇଥିଲା । ଏହି ଖାରଜ ହୋଇଥିବା ଆବେଦନର ପରୀକ୍ଷାନିରୀକ୍ଷା କରାଯିବ । ସେଥିପାଇଁ ସୁଭଦ୍ରା ଯୋଜନାର ଗାଇଡଲାଇନରେ ସଂଶୋଧନ ଅଣାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଓ ସବୁ ସଦସ୍ୟା ବରଖାସ୍ତ

ଭୁବନେଶ୍ୱର,୨୩।୧୦(ପି.ଏନ): ରାଜ୍ୟର ମୋହନ ମାଝୀ ସରକାର ଆଜି ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଓ ସମସ୍ତ ସଦସ୍ୟାଙ୍କୁ ତତ୍କାଳ ପ୍ରଭାବରୁ ବରଖାସ୍ତ କରିଛନ୍ତି । ବିଜେଡି ସରକାର ସମୟରେ ମହିଳା ଆୟୋଗରେ ଥଇଥାନ ହୋଇଥିବା ଆଗଧାଡିର ବିଜେଡି ନେତ୍ରୀମାନେ ନିଜଆଡୁ ଇସ୍ତଫା ନଦେବା ପରେ ରାଜ୍ୟର ବିଜେପି ସରକାର ନିଜ କ୍ଷମତାର ଉପଯୋଗ କରି ସେମାନଙ୍କୁ ବରଖାସ୍ତ କରିଥିବା ଜଣାପଡିଛି । ଏହାସହିତ ରାଜ୍ୟରେ ମହିଳା ଆୟୋଗର ନୂଆ ଅଧ୍ୟକ୍ଷା ଓ ସଦସ୍ୟା ନିମନ୍ତେ ଚ଼ୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚ଼ନା ମିଳିଛି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚ଼ନା ଅନୁସାରେ, ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତୀ ବେହେରା ଓ ଅନ୍ୟ ୪ଜଣ ସଦସ୍ୟା ସ୍ୱର୍ଣ୍ଣଲତା ସାମଲ, ସୁଜାତା ଦିଗଲ, ବବିତା ସ୍ୱାଇଁ ଓ ବିଜୟା ବରୱାଙ୍କୁ ତତ୍କାଳ ପ୍ରଭାବରୁ ହଟାଇ ଦିଆଯାଇଛି । ଏନେଇ ଖୁବଶୀଘ୍ର ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ ।ଉଲ୍ଲେଖଯୋଗ୍ୟ, ମହିଳା ଆୟୋଗ ଅଧ୍ୟକ୍ଷା ଓ ଅନ୍ୟ ୪ଜଣ ସଦସ୍ୟା ସମସ୍ତେ ବିଜେଡିର ସକ୍ରିୟ ଆଗଧାଡିର ନେତ୍ରୀ । ବିଜେଡି ସରକାରରେ ସେମାନଙ୍କୁ ଏହି ମହିଳା ଆୟୋଗରେ ଥଇଥାନ କରାଯାଇଥିଲା । ବିଜେଡି ନେତ୍ରୀ ମିନତୀ ବେହେରାଙ୍କୁ ୨୦୨୨ ଅକ୍ଟୋବର ମାସରେ ଦ୍ୱିତୀୟଥର ପାଇଁ ଅଧ୍ୟକ୍ଷା ଭାବେ ଥଇଥାନ କରାଯାଇଥିବାବେଳେ ୨୦୨୩ ଏପ୍ରିଲ ମାସରେ ଅନ୍ୟ ୪ଜଣ ବିଜେଡି ନେତ୍ରୀଙ୍କୁ ଆୟୋଗର ସଦସ୍ୟା ଭାବେ ଅବସ୍ଥାପିତ କରାଯାଇଥିଲା ।

## ରାଜ୍ୟପାଳ ରଘୁବର ଦାସଙ୍କ ବିରୁଦ୍ଧରେ ନିର୍ବାଚ଼ନ କମିଶନଙ୍କୁ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର,୨୩।୧୦(ପି.ଏନ): ଓଡିଶା ରାଜ୍ୟପାଳ ରଘୁବର ଦାସ ନିଜ ପଦବୀ ଓ କ୍ଷମତାର ଦୁରୁପଯୋଗ କରି ଝାଡଖଣ୍ଡ ବିଧାନସଭା ନିର୍ବାଚ଼ନ ପ୍ରଚ଼ାରରେ ଲିପ୍ତ ଅଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ରାଜ୍ୟପାଳ ଭଳି ସମ୍ବିଧାନିକ ପଦବୀର ଖୋଲା ଉଲ୍ଲଙ୍ଘନ କରୁଥିବା ରଘୁବର ଦାସଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଆଜି ନିର୍ବାଚ଼ନ କମିଶନଙ୍କ ନିକଟରେ ଫେରାଦ ହୋଇଛି ।ଓଡିଶା କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାର ଆଜି ଜାତୀୟ ନିର୍ବାଚ଼ନ କମିଶନଙ୍କ ନିକଟକୁ ଚ଼ିଠି ଲେଖି ଝାଡଖଣ୍ଡ ବିଧାନସଭା ନିର୍ବାଚ଼ନ ପ୍ରଚ଼ାରରେ ଓଡିଶା ରାଜ୍ୟପାଳ ରଘୁବର ଦାସ ସକ୍ରିୟ ଭାବେ ସାମିଲ ଥିବା ନେଇ ଅଭିଯୋଗ କରିଛନ୍ତି । ସେ ଜାମସେଦପୁର-ପୂର୍ବ ବିଧାନସଭା କ୍ଷେତ୍ରର ବିଜେପି ପ୍ରାର୍ଥୀ ତାଙ୍କ ବୋହୂ



ପୂର୍ଣ୍ଣିମା ଦାସଙ୍କ ସପକ୍ଷରେ ପ୍ରଚ଼ାର କରୁଛନ୍ତି । ଜାମସେଦପୁର-ପୂର୍ବ ବିଧାନସଭା ନିର୍ବାଚ଼ନମଣ୍ଡଳୀର ବିଜେପି ବୁଥ୍ କମିଟି ସଦସ୍ୟଙ୍କ ସହ ରାଜ୍ୟପାଳ ଶ୍ରୀ ଦାସ କ୍ରମାଗତ ବୈଠକ କରୁଥିବା ନେଇ ଫଟୋ ଓ ଖବରମାନ ସ୍ଥାନୀୟ ସମ୍ବାଦପତ୍ରରେ ପ୍ରକାଶ ପାଉଛି । ସୋସିଆଲ ମିଡିଆରେ ମଧ୍ୟ ଏସବୁ ଫଟୋ ଓ ଖବର ଉପଲବ୍ଧ ଅଛି । ତେବେ ଓଡିଶାର ରାଜ୍ୟପାଳ ଭଳି ଏକ ସମ୍ବିଧାନିକ ପଦବୀରେ ଥିବା ଶ୍ରୀ ଦାସ କାହିଁକି ଜାମସେଦପୁର-ପୂର୍ବ ବିଧାନସଭା କ୍ଷେତ୍ରର ବୁଥସ୍ତରୀୟ ବୈଠକରେ ସାମିଲ ହେଉଛନ୍ତି ତାହା ସ୍ପଷ୍ଟ କରିବା ଦରକାର ।

## ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡି ତିନି ମୃତ

କେନ୍ଦୁଝର,୨୩।୧୦(ପି.ଏନ): ଛୁଆଙ୍କ ସୁରକ୍ଷା ମା ସେମାନଙ୍କୁ ନେଇ ଗାଧୋଇବାକୁ ପୋଖରୀକୁ ଯାଇଥିଲେ । କିନ୍ତୁ ମାଙ୍କ ସାମାନ୍ୟ ଅସାବଧାନତାରୁ ଦୁଇ ପିଲା ପାଣିରେ ବୁଡିବା ବେଳେ ସେମାନଙ୍କୁ ବଞ୍ଚାଇବାକୁ ଯାଇ ମା ମଧ୍ୟ ସେମାନଙ୍କ ସହ ସଲିଲ ସମାଧି ନେଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।ସୂଚ଼ନା ମୁତାବକ, ଘଟଗାଁର ପାଣ୍ଡୁପଶି ଗାଁର ପବନା ମହାକୁଡଙ୍କ ପତ୍ନୀ ନିଜ ଦୁଇ ପୁଅ, ଝିଅଙ୍କୁ ସାଙ୍ଗରେ ନେଇ ପୋଖରୀକୁ ଗାଧେଇବାକୁ ଯାଇଥିଲେ । କାମିନୀ ପୋଖରୀ ତୁଠରେ କପଡା ସଫା କରୁଥିଲେ ଓ ଭାଇ ଭଉଣୀ ମାଆଙ୍କ ପାଖରେ ତୁଠରେ ବସି ଖେଳୁଥିଲେ । ଖେଳୁ ଖେଳୁ ସେମାନେ କେତେବେଳେ ପାଣି ଭିତରକୁ ଚ଼ାଲିଗଲେ



ତା ଉପରେ କାମିନୀଙ୍କ ନଜର ନ ଥିଲା । ଯେତେବେଳେ ପିଲା ପାଣିରେ ବୁଡି ଗୋଡ, ହାତ ବାଡେଇଲେ, କାମିନୀଙ୍କ ଚେତା ପଶିଥିଲା । ଦେଖନ୍ତି ତ ଦୁଇ ପିଲା ମଝି ପୋଖରୀରେ ବୁଡି ଯାଉଛନ୍ତି ।ବିକଳରେ ଆଗପଛ ନ ଭାବି କାମିନୀ ପାଣି ଭିତରେ ପଶିଯାଇଥିଲେ । କିନ୍ତୁ ବିଡମ୍ବନା, ମା, ଛୁଆ ସମସ୍ତଙ୍କର ଶଳୀଳ ସମାଧି ହେଲା ସେହି ପୋଖରୀରେ । ପୋଖରୀ ହୁଡାରେ ଥିବା ଛୁଆଟିଏ ଏସବୁ ଦେଖି ଲୋକଙ୍କୁ ଡାକ ପକେଇଲେ ମଧ୍ୟ କେହି ପାଖରେ ନ ଥିବାରୁ ଶୁଣିପାରି ନ ଥିଲେ । ତେଣୁ ସେ ଘରକୁ ଧାଇଁଲା ପରିବାର ଲୋକଙ୍କୁ ଜଣାଇବାକୁ । ପ୍ରାୟ ଅଧଘଣ୍ଟା ପରେ ଗାଁରୁ ଲୋକ ଆସିବା ବେଳକୁ ସବୁ ଶେଷ ହୋଇଯାଇଥିଲା ।

## ନୂଆ ଧାନ ସଂଗ୍ରହ ନୀତି, ସୁଭଦ୍ରା ଗାଇଡଲାଇନ ସଂଶୋଧନ ସମେତ ୬ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର,୨୩।୧୦(ପିଏନ):ସମ୍ଭାବ୍ୟ ବାତ୍ୟା 'ଦାନା' ଭୟଙ୍କର ରୂପଧାରଣ କରି ଓଡିଶା ଅଭିମୁଖେ ମାଡି ଆସୁଥିବାବେଳେ ଆଜି ପୂର୍ବାହ୍ଣରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟ ସଚ଼ିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚ଼ନା ଅନୁସାରେ, ଏହି ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ନୂଆ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ସମେତ ସୁଭଦ୍ରା ଗାଇଡଲାଇନରେ ସଂଶୋଧନ, 'ସମୃଦ୍ଧ କୃଷକ ଯୋଜନା'ର କାର୍ଯ୍ୟାନ୍ୱୟନ, ଓଡିଶା ଏୟାର କନେକ୍ଟିଭିଟି ପଲିସି ଓ ଓଡିଶା ଜିଏସଟି ଆଇନ-୨୦୧୭ରେ ସଂଶୋଧନ ପାଇଁ ଅଧ୍ୟାଦେଶ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି ।୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ମୋଟ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ(୫୪ଲକ୍ଷ ମେଟ୍ରିକ ଟନ୍ ଚ଼ାଉଳ) ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ୨୦୨୪ ନଭେମ୍ବରରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ମେ'-ଜୁନ୍ ମାସରେ ରବିଧାନ ସଂଗ୍ରହ କରାଯିବ । ଖରିଫରେ ୬୬ଲକ୍ଷ ଓ ରବିରେ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । କେବଳ ପଞ୍ଜିକୃତ ଚ଼ାଷୀମାନେ ଯଦି ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ସରକାର କ୍ରୟ କରିବେ । ଧାନ କ୍ରୟ ଧାର୍ଯ୍ୟ ପରିମାଣରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ମନ୍ତ୍ରିସ୍ତରୀୟ ସବକମିଟି ନେବେ । ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚ଼ୟପତ୍ର ହେବ ।ପଞ୍ଜିକୃତ ଚ଼ାଷୀ ବାୟୋମେଟ୍ରିକ୍ ଚ଼ିହ୍ନଟୀକରଣ ମଧ୍ୟ କରାଯିବ । ଚ଼ାଷୀଙ୍କୁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସାଧାରଣ ଗ୍ରେଡ୍ ପାଇଁ ୨୩୦୦ଟଙ୍କା ଓ ଏ ଗ୍ରେଡ୍ ଧାନ ପାଇଁ ୨୩୨୦ଟଙ୍କା ପ୍ରଦାନ କରାଯିବ । ୨୪ରୁ ୪୮ଘଣ୍ଟା ମଧ୍ୟରେ ଚ଼ାଷୀଙ୍କ ଆକାଉଣ୍ଟକୁ ଧାନବିକ୍ରି ବାବଦ ପ୍ରାପ୍ୟ ଯିବ । ରାଜ୍ୟରେ ପ୍ରାୟ ୨୬ଲକ୍ଷ ମେଟ୍ରିକ ଟନ୍ ଚ଼ାଉଳର ଆବଶ୍ୟକତା ଅଛି ଓ ବଳକା ଚ଼ାଉଳ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ)କୁ ପ୍ରଦାନ କରାଯିବ । ତେବେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତିରେ ଚ଼ାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ପ୍ରଦାନ ପାଇଁ କୌଣସି ଉଲ୍ଲେଖ ନାହିଁ । ସରକାର ଏହି ବାକି ୮୦୦ଟଙ୍କାକୁ କେମିତି ପ୍ରଦାନ କରିବେ ତା'ର ମୋଡାଲିଟି ସମ୍ପର୍କରେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତିରେ ଦର୍ଶାଇନାହାନ୍ତି । ତେବେ ମୁଖ୍ୟ ସଚ଼ିବ ମନୋଜ ଆହୁଜା କହିଛନ୍ତି ଯେ, ଧାନବିକ୍ରି କରିବା ପାଇଁ ୧୭ଲକ୍ଷ ଚ଼ାଷୀ ପଞ୍ଜିକୃତ ହୋଇଛନ୍ତି।

## ଦୁଇ ଦିନ ଶ୍ରୀମନ୍ଦିରରେ ବନ୍ଦ ରହିବ ଦର୍ଶନ, ଜାଣନ୍ତୁ କ'ଣ ରହିଛି ହବିଷ୍ୟାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୨୩।୧୦(ପି.ଏନ): ବଙ୍ଗୋପସାଗରରେ ଗଭୀର ଅବପାତ, ବାତ୍ୟା ରୂପ ନେବା ପରେ ଏବେ ଏହା ୧୫ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଦିଗରେ ଆଗକୁ ମାଡି ଆସୁଛି। ପରେ ଭୀଷଣ ବାତ୍ୟା ରୂପ ନେଇ ଧାମରାରୁ ଭିତରକନିକା ମଧ୍ୟରେ ଲ୍ୟାଣ୍ଡଫଲ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଛି । ପୂର୍ବରୁ ବାତ୍ୟା ୧୮ କିଲୋମିଟର ବେଗରେ ଗତି କରୁଥିବାବେଳେ ଏବେ ଏହାର ଗତିରେ ଧୀରତା ଆସି ୧୫ କିଲୋମିଟରକୁ ହ୍ରାସ ପାଇଛି । ଫଳରେ ସମୁଦ୍ର ଭିତରେ ଏହା ଅଧିକ ଶକ୍ତିଶାଳୀ ହେଉଥିବା କୁହାଯାଉଛି । ଏବେ ସୁଦ୍ଧା ମିଳିଥିବା ପାଣିପାଗ ବିଭାଗ ସୂଚ଼ନା ମୁତାବକ, ଏବେ ଏହା ପାରାଦୀପ ଠାରୁ ୫୨୦ କିଲୋମିଟର ଦୂରରେ ରହିଛି । ସାଗରଦ୍ୱୀପଠାରୁ ଏହାର ଦୂରତା ୬୦୦ କିଲୋମିଟର ରହିଛି ।ତେବେ ବର୍ତ୍ତମାନ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖାଯାଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନକୁ ନେଇ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁଯାୟୀ, ୨୪ ଓ ୨୫ ତାରିଖରେ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିବ। ହବିଷ୍ୟାଳୀଙ୍କ ପାଇଁ ୨ ଦିନ ଏହି ଦର୍ଶନ ବନ୍ଦ ରହିବ। ବାତ୍ୟାରେ ଅନେକ କ୍ଷୟକ୍ଷତିର ସମ୍ଭାବନା ରହିଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସେହିପରି ବାତ୍ୟାକୁ ଦୃଷ୍ଟିରେ ରଖାଯାଇ ହବିଷ୍ୟାଳିଙ୍କ ପାଇଁ ପୁରୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଖାଦ୍ୟ ସାମଗ୍ରୀ ମହଜୁଦ, ଜେନେରେଟର ବ୍ୟବସ୍ଥା କରାଯାଇଛି। ଏନେଇ ଗଣମାଧ୍ୟମ ଜରିଆରେ ଅପିଲ କଲେ ପୁରୀ ଜିଲ୍ଲାପାଳ।

## ଚିନ୍ତା ବଢ଼ାଉଛି ଡିଜିଟାଲ ପେମେଣ୍ଟ ଠକେଇ

ଭୁବନେଶ୍ୱର,୨୩।୧୦(ପି.ଏନ): କିଛି ଦିନ ଧରି ନିୟମିତ ଭାବରେ ବିଭିନ୍ନ ଗଣମାଧ୍ୟମରେ ଅନ୍‌ଲାଇନ୍ ବା ଡିଜିଟାଲ ପେମେଣ୍ଟ ଦ୍ୱାରା ଅନେକ ଲୋକ ଠକାମିର ଶିକାର ହେଉଥିବା ଖବର ଦେଖିବାକୁ ମିଳୁଛି। ଯଦି ତଥ୍ୟକୁ ଦେଖାଯାଏ ତେବେ ନିକଟରେ ସମଗ୍ର ବିଶ୍ୱରେ ଡିଜିଟାଲ ପେମେଣ୍ଟ ଫ୍ରଡ ବା ଠକେଇ ମାମଲାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କେବଳ ଭାରତରେ ଡିଜିଟାଲ ପେମେଣ୍ଟ ଠକେଇ ସଂଖ୍ୟା ୨୦୨୨ ଆର୍ଥିକ ବର୍ଷରେ ୩,୫୯୬ ଥିବା ବେଳେ ୨୦୨୩ରେ ଏହା ଦ୍ୱିଗୁଣିତ ହୋଇ ୬,୬୫୯ରେ ପହଞ୍ଚିଛି। ଠକେଇର ସମୁଦାୟ ପରିମାଣ ମଧ୍ୟ ୧୫୫ କୋଟି ଟଙ୍କାରୁ ୨୭୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଡିଜିଟାଲ ପେମେଣ୍ଟ ଠକେଇରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟବସାୟୀ ଏବଂ ଉପଭୋକ୍ତାମାନେ ଅଧିକ ସତର୍କ ରହିବା ଆବଶ୍ୟକ। ତେବେ ଏହି ଡିଜିଟାଲ ପେମେଣ୍ଟ କ୍ଷେତ୍ରର ବଢୁଥିବା ଠକେଇର ଉଦ୍‌ବେଗଜନକ ଧାରା ଆମ ସମସ୍ତଙ୍କ ପାଇଁ ଚେତାବନୀ।ଏ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ଡିଜିଟାଲ୍ ପେମେଣ୍ଟ ଠକେଇ କ'ଣ ଓ ଏହା କିପରି ହେଉଛି ବୁଝିବାକୁ ହେବ। ଡିଜିଟାଲ୍ ପେମେଣ୍ଟ ଠକେଇ ଏପରି ଏକ ଠକେଇ ଯେଉଁଥିରେ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ୟୁପିଆଇ ଏବଂ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି ଡିଜିଟାଲ୍ ପେମେଣ୍ଟ ପଦ୍ଧତିର ବ୍ୟବହାର କରି ଠକାମୀ କରାଯାଇଥାଏ। ଏହି ପ୍ରକାର ଠକେଇ ମାମଲାରେ ଠକ ଡିଜିଟାଲ କାରବାରର ସୁବିଧା ଏବଂ ଫାଇଦା ଉଠାଇ ବିଭିନ୍ନ ବ୍ୟକ୍ତି, ବ୍ୟବସାୟ କିମ୍ବା ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହ ଠକାମି କରିଥାଏ। ଏହା ଭିନ୍ନ ଭିନ୍ନ ମାଧ୍ୟମରେ ହୋଇଥାଏ, ତେବେ ସାଧାରଣରେ ଦେଖାଯାଉଥିବା ପ୍ରମୁଖ ମାଧ୍ୟମ ଗୁଡ଼ିକ ହେଲା ଫିସିଂ, କ୍ଲୋନିଂ, ଫେକ୍ ପାର୍ସଲ୍ / ଶପିଂ, ଏବଂ ହ୍ୟାକିଂ।ଫିସିଂରେ ଠକମାନେ ବିଭିନ୍ନ ବୈଧ ଉତ୍ସ, ଯେପରିକି ବ୍ୟାଙ୍କ, ଇନସ୍ୟୁରାନ୍ସ କିମ୍ବା ମୋବାଇଲ୍ ସେବା ପ୍ରଦାନକାରୀ (ସିମ୍)ଙ୍କ ନାମରେ ପ୍ରଲୋଭନକାରୀ ଇମେଲ୍ କିମ୍ବା ଟେକ୍ସଟ୍ ମେସେଜ୍ ପଠାନ୍ତି। ଇମେଲ୍ କିମ୍ବା ଟେକ୍ସଟ୍ ମେସେଜ୍‌ରେ ଏପରି ଲିଙ୍କ୍ ଥାଇପାରେ ଯାହା କ୍ଲିକ୍ କରିବା ପରେ ବ୍ୟକ୍ତିଙ୍କୁ ଏକ ଜାଲ୍ ୱେବସାଇଟ୍‌କୁ ନେଇଯାଏ ଯାହା ପ୍ରକୃତ ୱେବସାଇଟ୍ ପରି ଦେଖାଯାଇଥାଏ। ଏହାପରେ ଯଦି ସେଠାରେ ନିଜ ବ୍ୟକ୍ତିଗତ ତଥ୍ୟକୁ ପ୍ରଦାନ କରନ୍ତି ତେବେ ଠକମାନେ ସହଜରେ ବ୍ୟକ୍ତିଙ୍କ ତଥ୍ୟ ଚୋରି କରିପାରନ୍ତି ଏବଂ ସେହି ତଥ୍ୟକୁ ବ୍ୟବହାର କରି ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଠକେଇ କରିଥାନ୍ତି। କ୍ଲୋନିଂ ମାଧ୍ୟମରେ ଠକମାନେ ବିଭିନ୍ନ କଲ୍ ଜରିଆରେ ତଥା ସେବା ପ୍ରଦାନ କରିବା ନାମରେ ସିମ୍ କାର୍ଡ କ୍ଲୋନିଂ କରିଥାନ୍ତି, ଯାହା ଫଳରେ ସିମ୍‌କୁ ଆସୁଥିବା ସମସ୍ତ ତଥ୍ୟ ସେମାନଙ୍କ ପାଖରେ ପହଞ୍ଚିଥାଏ। ଏହା ବ୍ୟତୀତ ଏପରି କିଛି ଡିଭାଇସ୍ ଅଛି ଯାହାକୁ ବ୍ୟବହାର କରି ପାଖରେ ଥିବା ଡେବିଟ୍ ବା କ୍ରେଡିଟ୍ କାର୍ଡ କ୍ଲୋନିଂ କରିହେବ। ଏହା ଦ୍ୱାରା ମଧ୍ୟ ତଥ୍ୟ ଚୋରି ତଥା ଠକେଇ ହୋଇଥାଏ। ଫେକ୍ ପାର୍ସଲ୍ / ଶପିଂ ମାଧ୍ୟମରେ ଠକମାନେ ବିଭିନ୍ନ ବୈଧ ବ୍ୟବସାୟର ନାମରେ ଶପିଂ କରିଛନ୍ତି କହି ମିଛ ଇନ୍‌ଭଏସ୍ ପଠାଇ ପାର୍ସଲ ଅଟକି ରହିଛି କହି ପଇସା ମାଗିଥାନ୍ତି। ଲୋକମାନେ ଜିନିଷ ମିଳିବାର ଲୋଭରେ ପଇସା ଦେଇଥାନ୍ତି ଓ ଠକାମିର ଶିକାର ହୋଇଥାନ୍ତି। ଇନ୍‌ଭଏସ୍‌ରେ ପ୍ରାୟତଃ ଠକର ଆକାଉଣ୍ଟ ନମ୍ବର ରହିଥାଏ, ତେଣୁ ଯେତେବେଳେ ପଇସା ପୈଠ କରନ୍ତି, ସେତେବେଳେ ଠକଙ୍କ ପାଖକୁ ଟଙ୍କା ଯାଇଥାଏ। ହ୍ୟାକିଂ ମାଧ୍ୟମରେ ହ୍ୟାକରମାନେ ବ୍ୟକ୍ତିର ଦୁର୍ବଳ ପାସୱାର୍ଡ କିମ୍ବା ଦୁର୍ବଳତାକୁ ଉପଯୋଗ କରି ବ୍ୟକ୍ତିର ବ୍ୟାଙ୍କ, ସୋସିଆଲ ମିଡ଼ିଆ ପରି ବିଭିନ୍ନ ଆକାଉଣ୍ଟ ଅଧିଗ୍ରହଣ କରିଥାନ୍ତି ଓ ଆକାଉଣ୍ଟ ଅଧିଗ୍ରହଣ ପରେ ସାଇବର ଅପରାଧୀମାନେ ବ୍ୟକ୍ତିବିଶେଷଙ୍କ ଅନଲାଇନ୍ ଆକାଉଣ୍ଟକୁ ବ୍ୟବହାର କରି ଠକେଇ କରନ୍ତି ।ତେବେ ବର୍ତ୍ତମାନ ସମୟରେ ଡିଜିଟାଲ କାରବାରର ବୃଦ୍ଧି ଫଳରେ ସୁବିଧା ଏବଂ ଦକ୍ଷତା ପାଇଁ ଅଧିକ ଲୋକ ଏବଂ ବିଭିନ୍ନ ବ୍ୟବସାୟୀ ଡିଜିଟାଲ ଦେୟ ପଦ୍ଧତି ଗ୍ରହଣ କରୁଥିବାରୁ କାରବାରର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଡିଜିଟାଲ କାରବାର ସାଇବର ଅପରାଧୀଙ୍କୁ ବ୍ୟକ୍ତିଙ୍କୁ ଟାର୍ଗେଟ କରିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରିଛି। ଏହା ବ୍ୟତୀତ ଟେକ୍ନୋଲୋଜିର ବ୍ୟବହାର ଫଳରେ ସାଇବର ଅପରାଧୀମାନେ ଡିଜିଟାଲ ପେମେଣ୍ଟ ସିଷ୍ଟମର ଦୁର୍ବଳତାକୁ ଉପଯୋଗ କରି କ୍ରମାଗତ ଭାବରେ ସେମାନଙ୍କ ପଦ୍ଧତିରେ ଅଧିକ ଦକ୍ଷ ଓ ଅତ୍ୟାଧୁନିକ ଠକେଇ କରିଚ଼ାଲିଛନ୍ତି ।ଏସବୁ ଠକେଇର ପ୍ରମୁଖ କାରଣ ହେଉଛି ଉପଭୋକ୍ତାଙ୍କ ମଧ୍ୟରେ ସଚେତନତାର ଅଭାବ। ଅନେକ ଗ୍ରାହକ ଡିଜିଟାଲ ପେମେଣ୍ଟ ଠକେଇର ବିପଦ ବିଷୟରେ ସଚେତନ ନୁହଁନ୍ତି ଏବଂ ନିଜକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ମଧ୍ୟ ନେଉନାହାନ୍ତି। ଆଉ ଅନ୍ୟପଟେ ଇଣ୍ଟରନେଟ ମାଧ୍ୟମରେ ଗ୍ଲୋବାଲ କନେକ୍ଟିଭିଟି ବୃଦ୍ଧି କାରଣରୁ ସାଇବର ଅପରାଧୀଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ପରସ୍ପର ସହ ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ସୁଯୋଗ ମିଳୁଛି, ଯେଉଁ କାରଣରୁ ବିଭିନ୍ନ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡିକ ଦ୍ୱାରା ସେମାନଙ୍କୁ ଟ୍ରାକ୍ କରିବା ଏବଂ ଧରିବା କଷ୍ଟକର ହେଉଛି। ଟେକ୍ନୋଲୋଜି ଦ୍ରୁତ ଗତିରେ ବିକଶିତ ହେଉଥିଲେ ହେଁ ଏ ଦିଗରେ ପର୍ଯ୍ୟାପ୍ତ ନିରାପତ୍ତା ପଦକ୍ଷେପ ନିଆଯାଇପାରି ନାହିଁ। ସମସ୍ତ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଏବଂ ସେବାଗୁଡିକ ଏଯାଏଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିନାହାନ୍ତି। ଦୁର୍ବଳ ପାସୱାର୍ଡ, ମଲ୍ଟି-ଫ୍ୟାକ୍ଟର ପ୍ରମାଣୀକରଣର ଅଭାବ ଏବଂ ପୁରୁଣା ସୁରକ୍ଷା ପ୍ରୋଟୋକଲ ସାଇବର ଅପରାଧୀଙ୍କ ପାଇଁ ବିଭିନ୍ନ ମାଧ୍ୟମରେ ଠକେଇ କରିବା ସହଜ କରିଛି ।ଏସବୁକୁ ରୋକିବା ପାଇଁ ପ୍ରଥମେ ଡିଜିଟାଲ ପେମେଣ୍ଟ ଠକେଇର ବିପଦ ଏବଂ ନିଜକୁ କିପରି ସୁରକ୍ଷିତ ରଖିବେ ସେ ବିଷୟରେ ଜନସାଧାରଣ ସଚେତନ ହେବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଜନସଚେତନତା ଅଭିଯାନ, ବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ପ୍ରଚ଼ାର ପ୍ରସାର ଆବଶ୍ୟକ। ଏହା ଛଡ଼ା ପେମେଣ୍ଟ ଆପ୍ ?ଗୁଡିକରେ ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେସନ୍, ବାୟୋମେଟ୍ରିକ୍ ଯାଞ୍ଚ ଏବଂ ଟୋକନାଇଜେସନ୍ ପରି ଦୃଢ଼ ପ୍ରମାଣୀକରଣ ପଦ୍ଧତି କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହାବ୍ୟତୀତ ସରକାର ମଧ୍ୟ ଏହା ନିଶ୍ଚିତ କରନ୍ତୁ ଯେ ସାଇବର ଅପରାଧ, ଡିଜିଟାଲ କାରବାର ଏବଂ ଡାଟା ସୁରକ୍ଷା ସମ୍ବନ୍ଧୀୟ ଆଇନ ପ୍ରାସଙ୍ଗିକ ଏବଂ କାର୍ଯ୍ୟକାରୀ ହେବ।ବିଦେଶରୁ ହେଉଥିବା ସାଇବର ଅପରାଧର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ପ୍ରାଧାନ୍ୟ ଦେଇ ଗୁଇନ୍ଦା ସୂଚ଼ନା ଆଦାନ ପ୍ରଦାନ, ସାଇବର ବିପଦ ବିଷୟରେ ସୂଚ଼ନା ଆଦାନ ପ୍ରଦାନ ଏବଂ ସାଇବର ଅପରାଧିକ ନେଟୱାର୍କର ମିଳିତ ଅନୁସନ୍ଧାନ ପାଇଁ ଅନ୍ୟ ଦେଶମାନଙ୍କ ସହ ମିଳିତ ସହଯୋଗରେ ସରକାର କାମ କରିବା ଆବଶ୍ୟକ ।ତେବେ ଏହା ମନେ ରଖିବା ଜରୁରୀ ଯେ ଠକମାନେ ଡିଜିଟାଲ ପେମେଣ୍ଟରେ ଥିବା ଦୁର୍ବଳତାକୁ ଉପଯୋଗ କରିବା ପାଇଁ ସବୁବେଳେ ନୂଆ ନୂଆ ଉପାୟ ଖୋଜୁଛନ୍ତି। ଫଳରେ ଗ୍ରାହକମାନେ ଅତ୍ୟାଧୁନିକ ଠକେଇ ନିବାରଣ ସୂଚ଼ନା ଉପରେ ଅପ-ଟୁ-ଡେଟ୍ ରହିବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଜରୁରୀ। ଡିଜିଟାଲ ପେମେଣ୍ଟ ଠକେଇର ବଢୁଥିବା ବିପଦ ଏକ ଜଟିଳ ପ୍ରସଙ୍ଗ ଯାହା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ। ସାଇବର ଅପରାଧ ବିରୋଧରେ ଦୃଢ଼ ଆଇନ ପ୍ରଣୟନ କରି ଠକେଇ ମାମଲାର ତଦନ୍ତ ଓ ବିଚ଼ାର ପାଇଁ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିମାନଙ୍କ ସହ କାମ କରିବା, ଡିଜିଟାଲ ପେମେଣ୍ଟ ଠକେଇର ବିପଦ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଡିଜିଟାଲ ପେମେଣ୍ଟ ପ୍ରଦାନକାରୀଙ୍କୁ ନିୟନ୍ତ୍ରଣ କରି ଡିଜିଟାଲ ପେମେଣ୍ଟ ଠକେଇକୁ ରୋକିବାରେ ସରକାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ।

## ତାଣ୍ଡବ ଆରମ୍ଭ କଲାଣି 'ଦାନା'! ବାତ୍ୟା ଲ୍ୟାଣ୍ଡଫଲ ପୂର୍ବରୁ ଧାମରା ମଝିରେ ଭୟଙ୍କର ଦୃଶ୍ୟ, ପ୍ରବଳ ବର୍ଷା

ଭୁବନେଶ୍ୱର,୨୩।୧୦(ପି.ଏନ): ମାଡି ଆସୁଛି ବାତ୍ୟା 'ଦାନା' । ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେଇ ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଭିତରକନିକା-ଧାମରା ମଧ୍ୟରେ ସ୍ଥଳର ଭାଗ ଛୁଇଁବାର ସମ୍ଭାବନା ରହିଛି । କିନ୍ତୁ ଲ୍ୟାଣ୍ଡଫଲ କରିବା ପୂର୍ବରୁ ହିଁ ଧାମରାରେ ବାତ୍ୟାର ପ୍ରଭାବ ଅନୁଭବ ହେଲାଣି । ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ହିଁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ବୃଦ୍ଧି ପାଇଛି । ଧାମରା ସମେତ ପାଖାପାଖି ଅଞ୍ଚଳରେ ବାତ୍ୟାର ସିଧାସଳଖ ବାତ୍ୟାର ପ୍ରଭାବ ପଡିଲାଣି । ତେଣୁ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଏଠାରେ କ'ଣ ପ୍ରଭାବ ପଡିବ, ତାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଭୟ ଦେଖାଦେଇଛି ।ଦାନା ସ୍ଥଳଭାଗ ଛୁଇଁବା ପୂର୍ବରୁ ଆରମ୍ଭ ହୋଇଯାଇଛି ପ୍ରବଳ ବର୍ଷା । ସ୍ଥାନୀୟ ଅଞ୍ଚଳରେ ବର୍ଷା ସହ ପବନର ବେଗ ବଢିବା ଆରମ୍ଭ ହେଲା । ଧାମରା- ଭିତରକନିକା ଅଞ୍ଚଳରେ ବର୍ଷା ଆରମ୍ଭ । ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ । ଧାମରାରେ ବର୍ଷା ସହ ପାରାଦୀପ ଆକାଶ ମେଘାଚ୍ଛନ୍ନ । କେନ୍ଦ୍ରାପଡା ରାଜନଗରରେ ବି ବର୍ଷା ଆରମ୍ଭ ହୋଇଯାଇଛି । ବାତ୍ୟା 'ଦାନା' ୧୫ କି.ମି ବେଗରେ ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି । ପାରାଦୀପଠୁ ୫୨୦ ଓ ସାଗର ଦ୍ୱୀପଠାରୁ ୬୦୦ କିମି ଦୂରରେ ରହିଛି । ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଭିତରକନିକା-ଧାମରା ମଧ୍ୟରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ୨ରୁ ୩ ମିଟର ଉଚ୍ଚ଼ର ଜୁଆର ମାଡି ଆସିବାର ସମ୍ଭାବନା ରହିଛି ।୨୪ ଓ ୨୫ ତାରିଖରେ ବାତ୍ୟାର ପ୍ରଭାବ ଅଧିକ ରହିବ ବୋଲି ସ୍ପଷ୍ଟ କରିଛି ପାଣିପାଗ ବିଭାଗ । ତେବେ ଆସନ୍ତାକାଲି ଅର୍ଥାତ୍ ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଆଜି ସନ୍ଧ୍ୟାରୁ ଉପକୂଳ ଓଡିଶାରେ ବର୍ଷା ଆରମ୍ଭ ହୋଇଯିବ । ତେବେ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ପୁରୀ, ଗଞ୍ଜାମ ଓ ମୟୂରଭଞ୍ଜ ଆଦି ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ପକ୍ଷରୁ ସୂଚ଼ନା ମିଳିଛି । ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।






# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଭାରତୀୟ ଅର୍ଥନୀତି, ଷ୍ଟେଟ ବ୍ୟାଙ୍କ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା

ବର୍ତ୍ତମାନର ସମୟ ଦେଖନ୍ତୁ ସମସ୍ତେ ଚାହୁଁଛନ୍ତି ଘରେ ବସି ହାତପାଆନ୍ତାରେ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଯାହାକି ସେମାନଙ୍କୁ ବ୍ୟାଙ୍କ ଯିବା ଧାଁ ଧଉଡ ସମୟର ଅପଚୟରୁ ବଞ୍ଚାଇବ। ଭାରତୀୟ ଅର୍ଥନୀତିରେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ। ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କ ଗୁଡ଼ିକ ନିଜ ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ଆଜି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କ ପାଖରେ ହାତ ପାହାନ୍ତରେ ରହୁଛି ସୂଚନା ପ୍ରଯୁକ୍ତିର ସର୍ବଶେଷ ସମସ୍ତ ଉପାଦେୟ ତଥ୍ୟ ଓ କୌଶଳ। ଡିଜିଟାଲ ବ୍ୟାଙ୍କିଙ୍ଗ ତ୍ୱରାନ୍ୱିତ ହେବାପରେ ଏହି ସୁବିଧା ଲୋକେ ଘରେ ବସି ପାଇପାରୁଛନ୍ତି। ଭାରତର ଅନ୍ୟତମ ସର୍ବବୃହତ୍ତ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟବ୍ୟାଙ୍କ। ସାଧାରଣରେ ବ୍ୟାଙ୍କରେ ବୋଇଲେ ଲୋକମାନେ ଷ୍ଟେଟ ବ୍ୟାଙ୍କକୁ ବୁଝନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ମୁଖ୍ୟ ଶାଖା ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି। ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣ ପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ କଟକ ମୁଖ୍ୟଶାଖା ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପେନସନଭୋଗୀଙ୍କୁ ଜୀବନ ପ୍ରମାଣ ପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ଦାଖଲ କରିପାରିବେ। ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ।



ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି। ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ। ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି।  କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି। ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି।

ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଏକ ସର୍ବଶ୍ରେଷ୍ଠ ବ୍ୟାଙ୍କ ସେବା। କୋଟି କୋଟି ଜନସାଧାରଣଙ୍କ ବିଶ୍ୱ ଭାଜନ ହୋଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ। ସାଧାରଣରେ ଅର୍ଥନୀତିରେ ସଞ୍ଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ପ୍ରଗତିରେ ଆମ ସମସ୍ତଙ୍କର ଉତ୍ତରଦାୟୀ ଭୂମିକା ରହିଛି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଓ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇପାରିବ।

# ପାଇକ ପରମ୍ପରାର ସୁରକ୍ଷା ପାଇଁ ଆହ୍ୱାନ



ଖୋର୍ଦ୍ଧା (ପିଏନ୍): ବରୁଣେଇ ପାଇକ ସ୍ମାରକୀସ୍ଥଳୀ ପାଳିଛି ତୃତୀୟ ବାର୍ଷିକ ଶିଳାନ୍ୟାସ ଉତ୍ସବ। ୨୦୧୯ ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଠାରେ ଶୁଭ ଦେଇଥିଲେ। ଏଯାଏଁ ମାଟି ଗାଣ୍ଠୁଆଟେ ପଡ଼ିଲାନି, ହେଲେ ସେଇ ସ୍ମୃତିକୁ ମନେରଖିବା ପାଇଁ ପ୍ରତିବର୍ଷ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେଠାରେ ଆୟୋଜିତ ହେଉଛି ପାଇକ ଆଖଡ଼ା ଓ ଆଲୋଚନଚକ୍ର। ଗୌରବଶାଳୀ ଅତୀତ ଭବିଷ୍ୟତକୁ ପ୍ରେରିତ କରିଥାଏ। ସୁପ୍ତ ସିଂହକୁ ଜାଗ୍ରତ କରିଥାଏ। ସେଇ ଅତୀତ ଇତିହାସର ରୋମନ୍ଥନ ହୋଇଛି ବରୁଣେଇ ପାଦଦେଶରେ। ୨୦୧୯ ମସିହା ଡିସେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ସ୍ମାରକୀସ୍ଥଳୀର ଶୁଭ ଦେଇଥିଲେ। ଅଦ୍ୟାବଧି ସେଠାରେ କାମ ଆରଂଭ ହୋଇନି। ତେବେ ସେହି ଦିନଟିକୁ ସ୍ମରଣ କରିବା ପାଇଁ ପାଇକଦାୟାଦ ଓ ବୁଦ୍ଧିଜୀବୀମାନେ ପାଳୁଛନ୍ତି ତୃତୀୟ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ। ବରୁଣେଇ ପାଦଦେଶରେ ସ୍ମାରକୀ ପାଇ ଉଦ୍ଦିଷ୍ଟ ସ୍ଥାନରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା  ଏହି କାର୍ଯ୍ୟକ୍ରମ। ମା’ ବରୁଣେଇ, କରୁଣେଇଙ୍କ ପାଖରେ ପୂଜାର୍ଚ୍ଚନା ପରେ ପାଇକ ଆଖଡ଼ା ପ୍ରଦର୍ଶନ କରି ଉତ୍ସବସ୍ଥଳୀକୁ ଆସିଥିଲେ। ଛୋଟ ଛୋଟ ପିଲାଙ୍କର ପାଇକ ଆଖଡ଼ା ସମସ୍ତଙ୍କର ମନ ମୋହିଥିଲା। ସଂଗଠନର ସଭାପତି ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଅଧ୍ୟକ୍ଷତାରେ ଆୟୋଜିତ ‘ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ’ ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ, ପାଇକ ପରମ୍ପରା ହେଉଚି ଏକ ବୀରତ୍ୱର ପରମ୍ପରା, ଏକନିଷ୍ଠ ଭାବେ ଏକାଠି ହୋଇ ଇଂରେଜଙ୍କୁ ନାକେଦମ କରିଥିଲେ ପାଇକ। ସେମାନେ କୃଷି କରୁଥିଲେ, ଯୁଦ୍ଧ ବି କରୁଥିଲେ। ଏହିଭଳି ପରମ୍ପରାର ସୁରକ୍ଷା ନିହାତି ଆବଶ୍ୟକ। ତେଣୁ ସମସ୍ତ ପ୍ରତିବନ୍ଧକ ହଠାଯାଇ ଯଥାଶୀଘ୍ର ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ହେଉ ବୋଲି ସେ ଦାବି କରିଥିଲେ। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ବରୁଣେଇ ଭଳି ରାଜଧାନୀ ନୂଆଦିଲ୍ଲୀରେ ମଧ୍ୟ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ସ୍ମାରକୀ ପ୍ରତିଷ୍ଠା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନସିଂହ, ଐତିହାସିକ ମଦନ ମୋହନ ମହାପାତ୍ର, ରବୀନ୍ଦ୍ର କୁମାର ପରିଡ଼ା, ଖୋର୍ଦ୍ଧା ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ, ରଶ୍ମୀତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ନୂଆ ପିଢିଙ୍କୁ ବୀରତ୍ୱ ଓ ଶୌର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ ପାଇଁ ଉଦବୁଦ୍ଧ ହେବାକୁ ଗୁରୁତ୍ୱ ଦେଇଥିଲେ। କରାଟେ, ଟାଇକୋଣ୍ଡୋ ଭଳି ପିଲାଙ୍କୁ ପାଇକ ଆଖଡ଼ା ଶିଖାଇବା ପାଇଁ ପ୍ରାରଂଭିକ ଭାବେ ଖୋର୍ଦ୍ଧା ସହରରେ ଏକ ଆଖଡ଼ା ଘର ପ୍ରତିଷ୍ଠା ପାଇଁ କଳିଙ୍ଗ ପାଇକ ସଂଗଠନର କୋଷାଧ୍ୟକ୍ଷ ସମରେନ୍ଦ୍ର ବଳିଆରସିଂହ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟୁଷରେ କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି ତଥା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ପରମ୍ପରା ମୁତାବକ ଦେବୀ ବରୁଣେଇଙ୍କ ପୂଜାର୍ଚ୍ଚନା କରି ପାଇକ ଥାଟ ମେଳରେ ପାଇକ ସ୍ମାରକୀ ସଭାସ୍ଥଳକୁ ଆସିଥିଲେ। ପୁରୀ ଜିଲ୍ଲା ଦୋକନ୍ଦାର ମନୋରଂଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋଟଲାଙ୍ଗ ପାଇକଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକଦଳ ବିଭିନ୍ନ ପ୍ରକାର ଆକର୍ଷଣୀୟ ପାଇକଆଖଡ଼ା ପ୍ରଦର୍ଶନ କରି ରଣହୁଙ୍କାର ଦେଇଥିଲେ। ପୂର୍ବରୁ ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଓ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଂଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ସମ୍ପାଦକ ରମଜାନ୍ ଖାଁ, ରାମନାରାୟଣ ଦାଶ, ପ୍ରସନ୍ନ କୁମାର ପାଇକରାୟ ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଏଥର ଆରାମଦାୟକ ‘ସ୍ମାର୍ଟ କ୍ୟୁ’

ଆରଟିଓ ଅଫିସରେ ଆଉ କଷ୍ଟକର ଲମ୍ବା ଧାଡ଼ି ଦେଖିବାକୁ ମିଳିବନି। ଆବେଦନକାରୀଙ୍କୁ ଆରାମଦାୟକ ସୁବିଧା ପାଇଁ ସ୍ମାର୍ଟ କ୍ୟୁର ବ୍ୟବସ୍ଥା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ୫-ଟି ପଦଚିହ୍ନ ଅନୁକରଣ ପୂର୍ବକ ପରିବହନ ବିଭାଗ ଆଉ ଏକ ପାଦ ଆଗକୁ ଯାଇଛି। ଭୁବନେଶ୍ୱର ଆରଟିଓ-୧ରେ ଇତିମଧ୍ୟରେ ଆରମ୍ଭ ହୋଇଛି ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା। ରାଜ୍ୟରେ ପ୍ରଥମ ଥର ପାଇଁ ଏପରି ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଅତ୍ୟାଧୁନିକ ସୁବିଧା ଥିବା ଭୁବନେଶ୍ୱର ଆରଟିଓ-୧ ନୂତନ କୋଠାକୁ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଖୁବ ଶୀଘ୍ର ରାଜ୍ୟର ଆଉ ଛଅଟି ପ୍ରମୁଖ ଆରଟିଓରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

ଆଚାର୍ଯ୍ୟ ବିହାର ନିକଟରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ଆରଟିଓ-୧ କୋଠା ନିର୍ମାଣ ପାଇଁ ୩.୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତିନି ମହଲା କୋଠା (ଜି+୩)ର ପ୍ରତ୍ୟେକ ମହଲାରେ ୪୯୯୮.୩୦ ବର୍ଗ ଫୁଟ ନିର୍ମାଣ କ୍ଷେତ୍ର ରହିଛି। ପ୍ରଥମ ଥର ପାଇଁ ଆରଟିଓ-୧ରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଆରମ୍ଭ ହୋଇଛି। ନୂଆ ବ୍ୟବସ୍ଥାରେ ଲୋକଙ୍କୁ ଆଉ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ଆରଟିଓକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ ଏକ ଟୋକନ ମିଳିବ। ଟୋକନ ନେଇ ସେମାନେ ସେଠାରେ ଥିବା ଚେୟାରରେ ବସିବେ ଆଉ ଟିଭି ସ୍କ୍ରିନରେ ତାଙ୍କ ନମ୍ବର ପ୍ରଦର୍ଶିତ ହେଲେ ଟୋକନ ଧରି କାଉଣ୍ଟରକୁ ଯିବେ। ଏହାଦ୍ୱାରା କାମ ପାଇଁ ଆଉ କେତେ ସମୟ ଲାଗିବ ତାହା ହିତାଧିକାରୀ ଜାଣିପାରିବେ। ଉଭୟ ଅଫଲାଇନ ଓ ଅନଲାଇନ ଆବେଦନକାରୀଙ୍କୁ ଏହି ଟୋକନ ମିଳିବ। ଏହି ବ୍ୟବସ୍ଥା ଜରିଆରେ ଡ୍ରାଇଭିଂ ଲାଇସେନ୍ସ, ଗାଡି ରେଜିଷ୍ଟ୍ରେସନ, ଟିକସ ପୈଠ ଆଦି କାମ କମ ସମୟରେ ସମ୍ପାଦନ ହୋଇପାରିବ। ସମୟ ସମୟରେ ନିଜ ସେବା ସମ୍ପର୍କିତ ନୋଟିଫିକେସନ ହିତାଧିକାରୀଙ୍କ ମୋବାଇଲ ଫୋନକୁ ପଠାଯାଇ ପାରିବ। ନିକଟ ଭବିଷ୍ୟତରେ ଭଦ୍ରକ, ଅନୁଗୁଳ, ବାଲେଶ୍ୱର, କଟକ, ଗଞ୍ଜାମ ଓ ପୁରୀ ଆରଟିଓରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ବ୍ୟବସ୍ଥା ଆରମ୍ଭ ହେବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହା ପୂର୍ବରୁ ମଧ୍ୟ ପରିବହନ ବିଭାଗ ଆରଟିଓରେ ଏକାଧିକ ଅନଲାଇନ ସେବା ଆରମ୍ଭ କରିଛି। ଗତ ଫେବୃଆରୀ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଅଧୀନରେ ଏକାଧିକ ଅନଲାଇନ ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ଗୁରୁତ୍ୱପୂର୍ଣ୍ଣ ଥିଲା ବିଭିନ୍ନ କାମ ପାଇଁ କାଗଜ ବିହୀନ ପ୍ରକ୍ରିୟା। ସେହିପରି ମାଲବାହୀ ଓ ଯାତ୍ରୀବାହୀ ଯାନ ପାଇଁ ସ୍ୱୟଂକୃତ ପରମିଟ, ବସ ପାଇଁ ସ୍ୱତନ୍ତ୍ର ପରମିଟ, ଅନ୍ତର୍ଜାତୀୟ ଡ୍ରାଇଭିଂ ପରମିଟ, ରାଜ୍ୟର ଯେକୌଣସି ଆରଟିଓରେ ଗାଡ଼ି ପଞ୍ଜୀକରଣର ନବୀକରଣ, ମାଲିକାନା ପରିବର୍ତ୍ତନ, ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆବେଦନ ଆଦି ଅନଲାଇନରେ ସମ୍ପାଦନ ହୋଇପାରୁଛି। ଏନଆଇସି ଜରିଆରେ ଅନଲାଇନରେ ଡିଜିଟାଲ ଦସ୍ତଖତ ଥିବା କାଗଜପତ୍ର, ଅପଲୋଡ୍ ବ୍ୟବସ୍ଥା ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ। ସେହିପରି ଜନସାଧାରଣଙ୍କ ନିକଟରେ ଅନଲାଇନ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ପରିବହନ ବିଭାଗ ଗତବର୍ଷ ସହରାଞ୍ଚଳ ସୁବିଧା କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲା।

# ଟ୍ରକ୍ ପଛରେ ପିଟିହେଲା ବସ୍, ୧୮ ଯାତ୍ରୀ ଆହତ

ଧର୍ମଶାଳା (ପିଏନ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକ ନିକଟରେ ବୁଧବାର ରାତି ପ୍ରାୟ ୩ଟାରେ ପୂର୍ବରୁ ଅଟକିଥିବା ଦୁଇଟି ଟ୍ରକ୍ ପଛରେ ଏକ ଯାତ୍ରୀବାହୀ ବସ୍ ପିଟିହୋଇ ଯାଇଥିଲା। ଏହି ଦୁର୍ଘଟଣାରେ ବସ୍‌ଚାଳକଙ୍କ ସମେତ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତମାନଙ୍କୁ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଚିକିତ୍ସା




କରାଯାଉଛି। ପ୍ରକାଶ ଯେ, ରଥିଆ ଛକ ନିକଟରେ ଦୁଇଟି ମାଲବାହୀ ଟ୍ରକ୍ ଠିଆ ହୋଇଥିଲା। ବିଳମ୍ବିତ ରାତିରେ ରାଂଚିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡ଼ି୧୧ଇ-୯୨୯୧ ଏକ୍ସପ୍ରେସ୍ ବସ୍ ଭାରସାମ୍ୟ ହରାଇ ଓଡ଼ି୦୯ପି-୦୧୫୯ ଟ୍ରକ୍ ପଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ଏତେ ଜୋର୍ ଥିଲା, ଏହି ଟ୍ରକ୍‌ଟି ତା’ ଆଗରେ ଥିବା ଓଡ଼ି୦୧ଏଫ୍-୯୦୪୦ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ପହଁଚି ଆହତମାନଙ୍କୁ ନେଇ ଧର୍ମଶାଳା ଓ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତମାନଙ୍କ ମଧ୍ୟରୁ ୩ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ସମ୍ଭବତଃ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଅଟକିଥିବା ଟ୍ରକ୍ ପଛରେ ପିଟି ହୋଇଯାଇଛି। ପୁଲିସ୍ ଦୁର୍ଘଟଣା-ଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

# ଜଳେଶ୍ୱରରେ ୨୫ ହଜାର ଲିଟର ଚୋରା ମଦ ଜବତ

ଭୁବନେଶ୍ୱର (ପିଏନ୍)-ଜଳେଶ୍ୱରର କୁଷଗଡ଼ ଅଂଚଳରୁ ୨୫ ହଜାର ଲିଟରୁ ଅଧିକ ଚୋରା ଦେଶୀ ମଦ, ବିପୁଳ ପରିମାଣରେ ପୋଚ, ମଦ ତିଆରି ସରାମକୁ ଅବକାରୀ ବିଭାଗ ଜବତ କରିବା ଓଡ଼ିଶାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟର ଅବକାରୀ ମନ୍ତ୍ରୀଙ୍କର ଏହା ହେଉଛି ନିଜ ଅଂଚଳ। ଏଠାରେ ଏତେ ପରିମାଣରେ ମଦ ତିଆରି କାରଖାନା ଚାଲୁ ରହିବା ସମସ୍ତଙ୍କୁ ଚକିତ କରିଛି। ନିଜ ଅଂଚଳରେ ଯଦି ଏମିତି ମଦର ବନ୍ୟା ଦେଖାଦିଏ, ତେବେ ରାଜ୍ୟକୁ ମଦ ରାକ୍ଷସ କବଳରୁ ଅବକାରୀ ମନ୍ତ୍ରୀ କିଭଳି ସୁରକ୍ଷା ଦେବେ ବୋଲି କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ପ୍ରେସ ବିବୃତି ଜରିଆରେ କଟାକ୍ଷ କରିଛନ୍ତି। ଜଳେଶ୍ୱର ହେଉଛି ରାଜ୍ୟର ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ରଙ୍କର ନିଜ ନିର୍ବାଚନ ମଣ୍ଡଳୀ। ଜଳେଶ୍ୱରରେ ବେଆଇନ ମଦ କାରବାର ଖୋଲମ୍ ଖୋଲା ଚାଲିଛି। ଏଥିରେ ଶାସକ ଦଳର ନେତା ଓ କର୍ମୀମାନେ ସଂପୃକ୍ତ ଅଛନ୍ତି। ପୂର୍ବରୁ ବିଧାୟକ ଓ ବର୍ତ୍ତମାନ ମନ୍ତ୍ରୀ ହୋଇଥିବା ଶ୍ରୀ ପାତ୍ରଙ୍କ ଜ୍ଞାତସାରରେ ଏହି କାରବାର ଚାଲୁ ଥିବାରୁ ଲୋକେ ଯେତେ ଅଭିଯୋଗ କଲେ ମଧ୍ୟ ଅବକାରୀ ବିଭାଗ ଓ ପ୍ରଶାସନ ଶୁଣନ୍ତି ନାହିଁ। କୁଷଗଡ଼ରେ ଯେଉଁ ଚୋରା ମଦ ତିଆରି କାରଖାନା ଠାବ ହୋଇଛି ତାହା ଦୀର୍ଘ ଦିନ ଧରି ସେଠାରେ ଚାଲି ଆସୁଥିଲା। ଶାସକ ଦଳର ସ୍ଥାନୀୟ ନେତାଙ୍କ ଏଥିରେ ସଂପୃକ୍ତି ରହିଛି। ସେଥିପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିଲା। ଲୋକଙ୍କ ଚାପ ଫଳରେ ଅବକାରୀ ବିଭାଗ ସେହି ଅଂଚଳରେ ବିପୁଳ ପରିମାଣରେ ମଦ ସହିତ ମଦ ତିଆରି ସରଂଜାମ ଜବତ କରିଛି। ମାତ୍ର ଏଥିରେ ସଂପୃକ୍ତ ସରକାରୀ ଦଳର ଲୋକ ଓ ନେତାଙ୍କୁ ଅବକାରୀ ବିଭାଗ ଗିରଫ କରିବ ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପୁନଶ୍ଚ ମନ୍ତ୍ରୀ ନିଜର ନିରପେକ୍ଷତା ଓ ସାଧୁତାର ପ୍ରମାଣ ଦେଇ ସେମାନଙ୍କୁ ଗିରଫ କରାଇପାରିବେ କି ବୋଲି ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ପ୍ରକାଶ ଥାଉକି ଶ୍ରୀ ପାତ୍ର ମନ୍ତ୍ରୀ ହେବା ପରଠୁ ଜଳେଶ୍ୱର, ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ରାଉନ ସୁଗାର, ମଦ ତଥା ଅନ୍ୟାନ୍ୟ ନିଶା ସାମଗ୍ରୀ ବିପୁଳ ଭାବରେ ପ୍ରସାର ହେଉଛି। ଯେତିକି ଧରା ପଡୁଛି ତାହା କେବଳ ହାତୀର ଦେଖାଇବା ଦାନ୍ତ। ବାସ୍ତବରେ ନିଶା କାରବାରରେ ଜଳେଶ୍ୱର ଓ ବାଲେଶ୍ୱର ଜିଲ୍ଲା ଏହି ସମୟ ଭିତରେ ଅଖ୍ୟାତି ଅର୍ଜନ କରି ଚାଲିଛି। ଏଥିପାଇଁ ମନ୍ତ୍ରୀ ଲଜ୍ଜିତ ଅନୁଭବ କରିବା ସହିତ ରାଜ୍ୟବାସୀଙ୍କୁ କ୍ଷମା ମାଗିବେକି ବୋଲି ଶ୍ରୀ ଦାସ କଟାକ୍ଷ କରିଛନ୍ତି।

# କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଗତକାଲି ସକାଳ ୯ ଟା ସମୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ  କରାଯାଇଛି। ଏହି କାର୍ଯ୍ୟକ୍ରମରେ  ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ରମୋହନ ମିଶ୍ର ଓ ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି,  ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ବାସନ୍ତି ତ୍ରିପାଠୀ, ସୁବ୍ରତ ମହାପାତ୍ର, ଅକ୍ଷୟ କୁମାର ଜେଠୀ, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ।


# ଭୁଷୁଡ଼ିଲେ ଚେତିବେ ! ଆଁ କରିଛି ଅଙ୍ଗନବାଡ଼ି




ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୧୫ କିଲୋମିଟର ଦୂରରେ ରହିଥିବା ଏକ ବିପଦସଙ୍କୁଳ, ବିପର୍ଯ୍ୟସ୍ତ ତଥା ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ରର ସାଙ୍ଘାତିକ ଦୃଶ୍ୟର ଚିତ୍ର ସାମ୍ନାକୁ ଆସିଛି। ରାଜଧାନୀର ଛାତି ଉପରେ ଥିବା ଉକ୍ତ ଅଙ୍ଗନବାଡ଼ିର ଛାତଟି ସମ୍ପୂର୍ଣ୍ଣ ରୂପେ ଫାଟି ଆଁ କରି ରହିଛି। ବାରଣ୍ଡାର ଖୁଣ୍ଟି ଭାଙ୍ଗି ମାଟି କାମୁଡ଼ି ତଳେ ଲୋଟିପଡ଼ିଛି। ଗୃହ କାନ୍ଥରେ ନାଲି ଅଳତା ଓ ଅଙ୍ଗାରରେ ଲେଖା ରହିଛି ବିପଦ, କୌଣସି ସମୟରେ ଘରଟି ଭାଙ୍ଗି ଯାଇପାରେ, ଏଠାରେ ଚଳ ପ୍ରଚଳ କରନ୍ତୁ ନାହିଁ, ବିପଦପୂର୍ଣ୍ଣ କୋଠା ପରି ଅନେକ ସତର୍କ ସୂଚନା। ସତେଯେପରି କୋଠାଟି ଭୂତକୋଠି ପାଲଟିଯିବା ସହ ସରୀସୃପଙ୍କ ଆବାସସ୍ଥଳୀରେ ପରିଣତ ହୋଇଯାଇଛି। ଇଏ ହେଉଛି ଆମ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ ଅଧିନସ୍ଥ ବିନ୍ଧ୍ୟଗିରି ଅଙ୍ଗନବାଡ଼ିର କରୁଣଚିତ୍ର। ଉକ୍ତ ଅଙ୍ଗନବାଡ଼ି କୋଠାକୁ ଲାଗି ରହିଛି ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୨୦୧୪ ମସିହାରୁ ତତ୍କାଳୀନ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ, ଖୋର୍ଦ୍ଧାର ପତ୍ର ନଂ.୪୨/ଏସ୍‌ଏସ୍‌ଏ ୬.୧.୨୦୧୨ ନିର୍ଦ୍ଦେଶ ଅନୁଯାୟୀ ଅଦ୍ୟାବଧି ଗୋଟିଏ ଶ୍ରେଣୀ ଗୃହରେ ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଚାଲିଛି। ଯେଉଁଠିକୁ ରାତି ପାହିଲେ କୁନି କୁନି ଶିଶୁମାନେ ଶିକ୍ଷା ଗ୍ରହଣ ପାଇଁ ଧାଇଁ ଆସିଥା’ନ୍ତି। ଖେଳଛୁଟି ହେଉ କି ଉପରଓଳି ହେଉ ବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ଏହି ବିପଦସଙ୍କୁଳ ଅଙ୍ଗନବାଡ଼ିକୁ ଲାଗି ରହିଥିବା ଖେଳ ପଡ଼ିଆଟିରେ କ୍ରିକେଟ, ଲୁଚୁକାଳି, ଧାଁ ଦଉଡ଼ ଖେଳ ଇତ୍ୟାଦି ଖେଳିଥାନ୍ତି। ଏହି ବିପଦପୂର୍ଣ୍ଣ କୋଠାଟି କେଉଁ ସମୟରେ ଭୁଷୁଡ଼ି ଯାଇପାରେ ତାହା ସମୟ ହିଁ କହିବ। ଏ ନେଇ ବିନ୍ଧ୍ୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ବି ଅଧିକାରୀମାନେ ପରିଦର୍ଶନରେ ଆସନ୍ତି ସତ, କିନ୍ତୁ ବୁଲାବୁଲି କରି ଯେଝା ବାଟରେ ଚାଲିଯାଇଥାନ୍ତି। କିଏ ନିର୍ଦ୍ଦେଶ ଦେବ, କାହା ନିର୍ଦ୍ଦେଶକୁ ଅପେକ୍ଷା, କାହିଁକି ଏ ବିପଦ ସଙ୍କୁଳ ଅଙ୍ଗନବାଡ଼ିଟି ଭଙ୍ଗା ଯାଉନାହିଁ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଯଥାଶୀଘ୍ର ଉକ୍ତ କୋଠାଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବା ଲାଗି ସାମାଜିକ କର୍ମୀ ସୁଶାନ୍ତ ସାହୁ ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି।

# ନାବାଳିକାଙ୍କୁ ବ୍ଲାକମେଲ ମାମଲାରେ ଅଭିଯୁକ୍ତକୁ ୫ ବର୍ଷ ଜେଲଦଣ୍ଡ

ବାଲେଶ୍ୱର (ପିଏନ୍)- କମର୍ଦ୍ଦା ଥାନା ଅନ୍ତର୍ଗତ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ କରିବା ଓ ଫଟୋ ଭାଇରାଲ କରିବାର ଧମକ ଦେଇ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରିବା ମାମଲାରେ ବାଲେଶ୍ୱର ଜିଲ୍ଲା ମାନ୍ୟବର ପୋକ୍ସ ଅଦାଲତ ସ୍ୱତନ୍ତ୍ର ବିଚାରପତି ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।  ମାନ୍ୟବର ଅଦାଲତ, ୧୩ ଜଣ ସାକ୍ଷୀ ଓ ପୁଲିସ ପକ୍ଷରୁ ଅଦାଲତରେ ଆସୁଥିବା ୩୪ଟି ଦସ୍ତାବିଜ୍ ଓ ପ୍ରାମାଣିକ ତଥ୍ୟକୁ ଆଧାର କରି ମାନ୍ୟବର ବିଚାରପତି ଏଭଳି ଦଣ୍ଡାଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ଫେବୃଆରୀ ୯ ତାରିଖରେ ନାବାଳିକା ଛାତ୍ରୀଙ୍କ ବାପା ଏ ସମ୍ପର୍କରେ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଉକ୍ତ ଅଞ୍ଚଳର ଉପେନ୍ଦ୍ର ପାଲ ବୋଲି ଜଣାପଡ଼ିଛି।




**ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୨୪**

# ବାଘ ସଂରକ୍ଷଣ କ୍ଷେତ୍ରରେ ଅନ୍ତର୍ଜାତୀୟ ମେଣ୍ଟରେ ଭାରତ



ଅଲେଖ ଚନ୍ଦ୍ର ସାମଲ

ଆମ ସାଧାରଣ ଜୀବନରେ ମାମୁଁ ବୋଇଲେ ଆମ ନିଜ ମାମୁଁଙ୍କ ବ୍ୟତୀତ ବାଘ ମାମୁଁ ଓ ଜହ୍ନ ମାମୁଁଙ୍କୁ ବୁଝାଉ। ତେବେ ଆମ ଏହି ବାଘ ମାମୁଁ ଏବେ ଅନେକ ବିପଦ ସାମ୍ନା କରୁଥିବାବେଳେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସେମାନଙ୍କର ସଂରକ୍ଷଣ ଓ ସେମାନଙ୍କ ପ୍ରତି ଭଲ ପାଇବା ଦିନକୁ ଦିନ ବଢୁଛି। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିଜ ନିଜ କ୍ଷେତ୍ରରେ ବ୍ୟାଘ୍ର ସଂରକ୍ଷଣ ପାଇଁ ଅନେକ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତକୁ ମଧ୍ୟ ନେଉଛନ୍ତି। ସେହିପରି ଅନେକ ଆନ୍ତର୍ଜାତିକ ବେସରକାରୀ, ଦାତବ୍ୟ ଓ ପଶୁ ପକ୍ଷୀଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନମାନେ ମଧ୍ୟ ସହଯୋଗ କରୁଛନ୍ତି। ଏହିପରି ଏକ ସମୟରେ ବାଘ ସଂରକ୍ଷଣ କ୍ଷେତ୍ରରେ ଭାରତ ଅନ୍ତର୍ଜାତୀୟ ସ୍ତରରେ ଏବେ ବଡ଼ ଭୂମିକା ନେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଭାରତ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସର ସଦସ୍ୟ ହେବା ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଆଇବିସିଏର ପ୍ରତିଷ୍ଠା ପାଇଁ ଏକ ଫ୍ରେମୱାର୍କ ଏଗ୍ରିମେଣ୍ଟରେ ଆନୁଷ୍ଠାନିକ ଭାବେ ସ୍ୱାକ୍ଷର କରିଛି ଭାରତ। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଭାରତ, ନିକାରାଗୁଆ, ଏସ୍ୱାତିନୀ ଓ ସୋମାଲିଆ ସମେତ ଚାରିଟି ଦେଶ ଆଇବିସିଏର ସଦସ୍ୟ ହୋଇଛନ୍ତି। ଆଇବିସିଏର ସଦସ୍ୟ ହେବା ପାଇଁ ୨୪ଟି ଦେଶ ରାଜି ହୋଇଥିବା ବେଳେ ୯ଟି ଅନ୍ତର୍ଜାତୀୟ ସଂଗଠନ ମଧ୍ୟ ଆଇବିସିଏର ଅଂଶୀଦାର ହେବାକୁ ସମ୍ମାନିତ ପ୍ରକାଶ କରିଛନ୍ତି। ଏପ୍ରିଲ ୯, ୨୦୨୩ରେ ଭାରତର ପ୍ରୋଜେକ୍ଟ ଟାଇଗରର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ବାଘ, ସିଂହ, କଲରାପତରିଆ, ବରଫ ଚିତାବାଘ, ପ୍ୟୁମା ଆମେରିକୀୟ ବାଘ ପ୍ରଜାତି, ଜାଗୁଆର ଓ ଚିତା ଭଳି ବଡ଼ ବିଡ଼ାଳଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏକ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସର ଶୁଭାରମ୍ଭ କରିଥିଲେ। ଫେବୃଆରୀ ୨୯ର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ୧୫୦ କୋଟି ଟଙ୍କାର ଏକକାଳୀନ ବଜେଟ ସହାୟତାରେ ଭାରତରେ ମୁଖ୍ୟାଳୟ ସହ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସ ପ୍ରତିଷ୍ଠାକୁ ମଞ୍ଜୁରି ମିଳିଥିଲା।

ସ୍ୱାକ୍ଷରିତ ଫ୍ରେମୱାର୍କ ଚୁକ୍ତିର ନକଲ ଶୁକ୍ରବାର ଆଇବିସିଏର ଅନ୍ତରୀଣ ମୁଖ୍ୟ ଏସପି ଯାଦବଙ୍କୁ ହସ୍ତାନ୍ତର କରାଯାଇଛି। ଇଣ୍ଟରନ୍ୟାସନାଲ ବିଗ କ୍ୟାଟ ଆଲାଏନ୍ସର ଲକ୍ଷ୍ୟ ହେଉଛି ୯୫ଟି ବଡ଼ ବିଡ଼ାଳ ଥିବା ଦେଶ, ସେମାନଙ୍କ ସଂରକ୍ଷଣ କ୍ଷେତ୍ରରେ ଆଗ୍ରହୀ ଥିବା ଅଣ-ରେଞ୍ଜ ଦେଶ ସେମାନଙ୍କ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସହଯୋଗୀ ଓ ବୈଜ୍ଞାନିକ ସଂଗଠନ ବ୍ୟତୀତ ବାଘ ସଂରକ୍ଷଣ ଉଦ୍ଦେଶ୍ୟରେ ଯୋଗଦାନ ଦେବାକୁ ଇଚ୍ଛୁକ ବ୍ୟବସାୟୀ ଗୋଷ୍ଠୀଙ୍କୁ ନେଇ ଏକ ବହୁରାଷ୍ଟ୍ରୀୟ ଓ ବହୁପକ୍ଷୀୟ ନେଟୱର୍କ ସ୍ଥାପନ କରିବା। ଏହା ବାଘ ସଂଖ୍ୟା ହ୍ରାସକୁ ରୋକିବା ଓ ଧାରାକୁ ବଦଳାଇବା ପାଇଁ କାର୍ଯ୍ୟ କରିବ। ଜାତିସଂଘର ସମସ୍ତ ସଦସ୍ୟ ଦେଶ ଆଇବିସିଏର ସଦସ୍ୟ ହେବା ପାଇଁ ଯୋଗ୍ୟ ଅଟନ୍ତି। ଫ୍ରେମୱାର୍କ ଚୁକ୍ତିକୁ ଗତ ସପ୍ତାହରେ କ୍ୟାବିନେଟ ଅନୁମୋଦନ କରିଛି ଏବଂ ଭାରତ ଆଇବିସିଏର ସଦସ୍ୟ ହୋଇଛି। ଭାରତ ଅନ୍ତର୍ଜାତୀୟ ବିଗ କ୍ୟାଟ ଆଲାଏନ୍ସ ପ୍ରତିଷ୍ଠାତା ସଦସ୍ୟ ହେବା ଏକ ମହାନ ମୁହୂର୍ତ୍ତ ଯାହା ବାଘ ସଂରକ୍ଷଣ କ୍ଷେତ୍ରରେ ଦେଶର ନେତୃତ୍ୱକୁ ଦର୍ଶାଏ। ସମଗ୍ର ବିଶ୍ୱରେ ବାଘ ସଂରକ୍ଷଣ କ୍ଷେତ୍ରରେ ଏହା ନିଶ୍ଚିତ ଭାବରେ ପାରସ୍ପରିକ ଫାଇଦଣ ଓ ବୁଝାମଣାରେ ସହାୟକ ହେବ ବୋଲି ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଏ। ସାଧାରଣରେ ସମସ୍ତଙ୍କର ପ୍ରିୟ ବାଘ ମାମୁଁ ଏବେ ବାସ୍ତବିକ ଖାଦ୍ୟ ଓ ନିଜ ସୁରକ୍ଷା ନେଇ ମଧ୍ୟ ଚିନ୍ତିତ। ସରକାରଙ୍କ ସହିତ ଜଙ୍ଗଲ ବିଭାଗ ଓ ବନ୍ୟପ୍ରାଣୀ ଶ୍ରଦ୍ଧାଳୁମାନେ ମଧ୍ୟ ଏ ନେଇ ଉଦବେଗ ପ୍ରକାଶ କରିବା ସହ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଦିନଥିଲା ଭାରତର ବାଘମାନେ ଥିଲେ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ବଡ଼ ସମ୍ପତ୍ତି। ବିଭିନ୍ନ ପ୍ରଜାତିର ବାଘମାନେ ଭାରତର ସମ୍ପତ୍ତି ଥିଲେ ଓ ଅନ୍ତର୍ଜାତିକ ସ୍ତରରେ ଗୌରବ ବଢ଼ାଉଥିଲେ। ବିଳମ୍ବରେ ହେଲେ ମଧ୍ୟ ବିଶ୍ୱଶକ୍ତି ପାଲଟିଥିବା ଭାରତ ଆଜି ଆନ୍ତର୍ଜାତିକ ସ୍ତରରେ ସଂରକ୍ଷଣ ପ୍ରସଙ୍ଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଥିବାରୁ ଅନେକ ଅଭିନନ୍ଦନ ଜଣାଉଛି।

*ପୂର୍ବତନ ଡିଏଫ୍‌ଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ବ୍ଲୁଟୁଥ



ଡକ୍ଟର ତପନ କୁମାର ପାଳ

ବ୍ଲୁଟୁଥ ଏକ ୱେରଲେସ ଟେକ୍ନୋଲୋଜି। ଯାହାକି ସାରା ପୃଥିବୀରେ ବେଶ ଲୋକପ୍ରିୟ। ତେବେ ଜାଣନ୍ତିକି କମ ରେଞ୍ଜରେ ଥିବା ଡିଭାଇସକୁ ଯୋଡ଼ିବା ଲାଗି ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜିର ନାମ ବ୍ଲୁ ଟୁଥ କାହିଁକି ହେଲା ? ଜାଣନ୍ତୁ ସେ ସମ୍ପର୍କରେ।

ଦେଖିବାକୁଗଲେ ବ୍ଲୁଟୁଥର ଆକ୍ଷରିକ ଅର୍ଥ ହେଉଛି 'ନୀଳ ଦାନ୍ତ'। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ନୀଳ ଦାନ୍ତ ଅଧାରାରେ ହିଁ ଏହି ଟେକ୍ନୋଲୋଜିର ନାମ ବ୍ଲୁଟୁଥ କରାଯାଇଛି। ଏହା ପଛରେ ଅଛି ଏକ ମଜାଦାର କଥା। ଡେନମାର୍କ ଓ ନରୱେରେ ଦଶମ ଶତାବ୍ଦୀ ବେଳକୁ ହେରାଲ୍ଡ ଗୋର୍ମସନ ଦାମକ ଜଣେ ରାଜା ଥିଲେ। ଯଦିଓ ତାଙ୍କର ଏହି ଆଧୁନିକ ଟେକ୍ନୋଲୋଜି ସହ କିଛି ବି ସମ୍ପର୍କ ନାହିଁ। ତଥାପି ତାଙ୍କ ନାମାନୁସାରେ ହିଁ ବ୍ଲୁଟୁଥର ନାମକରଣ ହୋଇଛି। ସାରା ପୃଥିବୀରେ ବ୍ୟବହାର କରାଯାଉଥିବା ଏହି ଟେକ୍ନୋଲୋଜି ପ୍ରାୟ ୨୮ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ୧୯୯୬ରେ ଯେବେ ଇନହେଲା ଏରିକ୍ସନ ଓ ନୋକିଆ ମିଶି ବ୍ଲୁଟୁଥ ଆବିଷ୍କାର କରିଥିଲେ ସେତେବେଳେ ଏହାର ନାମ ଅଫିସିଆଲି ବ୍ଲୁଟୁଥ ରଖାଯାଇନଥିଲା। ବରଂ ଏହାର ନାମ ଇଥରରେଡ଼ିଓ ୱାୟର ଅବା ପର୍ସନାଲ ଏରିଆ ନେଟୱର୍କିଂ ରଖାଯିବାର ଥିଲା। ବ୍ଲୁଟୁଥ ଆବିଷ୍କାର କରିଥିବା ଟିମର ସଦସ୍ୟ ଜିମ କାରଦାକ କିନ୍ତୁ ଏହାର ନାମ ବ୍ଲୁଟୁଥ ରଖିବାକୁ ପରାମର୍ଶ ଦେଇଥିଲେ। ତାଙ୍କ କହିବାନୁଯାୟୀ ଥରେ ସେ ଇତିହାସ ବହି ପଢୁଥିଲେ। ସେହି ବହିର ଏକ ଚରିତ୍ର ତାଙ୍କୁ ବହୁତ ପ୍ରେରଣାଦାୟକ ଲାଗିଥିଲା। ସେହି ଚରିତ୍ରଟି ଥିଲେ ଦଶମ ଶତାବ୍ଦୀର ଡେନମାର୍କର ରାଜା ହେରାଲ୍ଡ ବ୍ଲୁଟୁଥ ଗୋର୍ମସନ। ଏହି ରାଜା ସ୍କାଣ୍ଡିନାଭିଆନ ରାଜ୍ୟ ଗୁଡ଼ିକୁ ଯୋଡ଼ି ବା ଲାଗି ବେଶ ପ୍ରସିଦ୍ଧ ଥିଲେ। କାରଣ ସେ ଡେନମାର୍କର ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଯୋଡ଼ି ଗୋଟିଏ ରାଜ୍ୟରେ ଏକତ୍ରିତ କରିଥିଲେ। ବ୍ଲୁଟୁଥ ବି ବଭିନ୍ନ ଡିଭାଇସକୁ କନେକ୍ଟ କରିଥାଏ। ତେଣୁ ଏହି ଡିଭାଇସର ନାମକରଣ ତାଙ୍କ ନାମାନୁସାରେ ହେଉ ବୋଲି ଜିମ କାରଦାକ ପରାମର୍ଶ ଦେଇଥିଲେ। ଏହାବାଦ କିଙ୍ଗ ହେରାଲ୍ଡଙ୍କର ଏକ ଦାନ୍ତ ନଷ୍ଟ ହୋଇ ନୀଳରଙ୍ଗର ହୋଇଯାଇଥିଲା। ସେଥିପାଇଁ ତାଙ୍କର ଉପନାମ ବ୍ଲୁଟୁଥ ଥିଲା। ଆଉ ଏହି ଉପନାମାନୁସାରେ ହିଁ ଏହି ଡିଭାଇସର ନାମ ବ୍ଲୁଟୁଥ ରଖାଗଲା।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*

# ଦୀପାବଳି ଓ ଶବ୍ଦ ପ୍ରଦୂଷଣ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଦୀପାବଳି ଏକ ସର୍ବଭାରତୀୟ ଉତ୍ସବ । ଏହି ଦିନ କେତେକ ସ୍ଥାନରେ ରାତି ଉଜାଗର ରହି ଲକ୍ଷ୍ମୀପୂଜା କରାଯାଏ ଏବଂ ବ୍ୟବସାୟୀମାନେ ଦୋକାନ ପୂଜା କରିବା ସହ ନୂଆ ଖାତା ଖୋଲନ୍ତି । କୁମାର ପୂର୍ଣ୍ଣିମା ପରି ଦୀପାବଳି ରାତିରେ ଉଜାଗର ରହି ତାସ୍ କିମ୍ବା ପଶା ଖେଳର ପରମ୍ପରା ଲକ୍ଷ୍ମୀ ଆରାଧନାର ପ୍ରତୀକ ବୋଲି ମନେ କରନ୍ତି ଅନେକ ଅଞ୍ଚଳର ଲୋକେ । ତାନ୍ତ୍ରିକଙ୍କ ସାଧନା ପାଇଁ ଦୀପାବଳି ଅମାବାସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୀପାବଳି ସହ ସଂପୃକ୍ତ ଚାରିଟି ପର୍ବ ହେଉଛି ଧନଦା ତ୍ରୟୋଦଶୀ ବା ଧନ୍‌ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ ଗୋବର୍ଦ୍ଧନ ପୂଜା ପିତୃସତ୍ୟ ପାଳି ଚଉଦ ବର୍ଷ ବନବାସ ସାରି, ରାବଣ ନିଧନ ଓ ସୀତାଙ୍କୁ ଉଦ୍ଧାର କରି ରାମଚନ୍ଦ୍ର ଯେଉଁଦିନ ଅଯୋଧ୍ୟାକୁ ବାହୁଡ଼ି ଆସିଲେ ସେଦିନ ମହାଆନନ୍ଦରେ ରାଜ୍ୟବାସୀ ସୁନ୍ଦର ଦୀପାଲୋକରେ ନଗରୀକୁ ସଜାଇଦେଲେ । ରାମଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନର ସ୍ମୃତି ଉତ୍ସବ ହେଉଛି ଏହି ଦୀପାବଳି ବୋଲି ମଧ୍ୟ କୁହାଯାଇଥାଏ । ଆହୁରି ମଧ୍ୟ ପୁରାଣ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ମା'ମହାକାଳୀଙ୍କ ସହାୟତାରେ ଅତ୍ୟାଚାରୀ ନାରକାସୁରକୁ ବଧ କରିଥିବାରୁ ଆନନ୍ଦରେ ଅଧୀର ମର୍ତ୍ତ୍ୟବାସୀ ଏହିଦିନ ଦୀପାଲୋକରେ ଘର ସଜାନ୍ତି ଏବଂ ମା'କାଳୀଙ୍କୁ ମଧ୍ୟ ପୂଜା କରନ୍ତି । ପୁଣି ଏହି ଦିନ ଓଡ଼ିଶାରେ ପାଳିତ ହୁଏ ପୟା ଅମାବାସ୍ୟା ଭାବେ । ପିତୃପୁରୁଷଙ୍କୁ ସନ୍ଧ୍ୟାରେ ଶ୍ରାଦ୍ଧଦାନ କରାଯିବା ସହ ବଳିତା ଓ କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୁଅରେ ଯାଅ, ଅମୃତ ଦୃଷ୍ଟିରେ ଆମକୁ ଦେଖୁଥାଅ ବୋଲି ଡାକ ଦେଇ ଆଲୋକ ପ୍ରଦର୍ଶନ କରନ୍ତି । ଆଉ ଏକ ଘଟଣା ହେଲା ଦୀପାବଳି ଦିନ ଶ୍ରାଦ୍ଧ ପରେ ରାତିରେ ଘର ଅଗଣାରେ ଏକ ବୋଇତ ଚିତ୍ର ପଞ୍ଚବର୍ଣ୍ଣ ମୁରୁଜରେ ଆଙ୍କି ସେଥିରେ ବିଭିନ୍ନ କୋଠରୀରେ ଘରର ବାସନକୁସନ, ଗହଣାଗାଣ୍ଠି, ଧାନଚାଉଳ ରଖି ପୂଜା କରାଯାଏ । ବାଣ ଫୁଟାଇବା ଆନନ୍ଦ ଉତ୍ସବର ଏକ ପ୍ରତୀକ ହୋଇଥିବାରୁ ବିଭିନ୍ନ ପ୍ରକାର ବାଣ ଫୁଟାଇ ଆଜିକାଲି ଦୀପାବଳି ପାଳନ କରାଯାଉଛି ।

ଚଳିତ ବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଛନ୍ତି। ଖଣ୍ଡପୀଠ କହିଛନ୍ତି ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱାଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୩ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଦୀପାବଳି ସହିତ ଶବ୍ଦ ପ୍ରଦୂଷଣର ସମ୍ପର୍କ ରହିଛି। କାରଣ ଆନନ୍ଦ ଓ ଆଲୋକର ମହାପାର୍ବଣ ଭିତରେ ଆମେ ଅଧିକାଂଶ ହୁଏତ ଜାଣି ନଥାନ୍ତୁ ଯେ ଖୁସି ମନାଉଥିବା ବାଣ ଭିତରେ ଯେଉଁ ଭୟାନକ ରାସାୟନିକ ପଦାର୍ଥ ରହିଥାଏ ତାହା ହେଉଛି ସୋଡ଼ିୟମ ଅକ୍‌ଜାଲେଟ୍, ଆଲୁମିନିୟମ, ଆର୍ସେନିକ୍, ସଲ୍‌ଫର ମାଙ୍ଗାନିଜ୍, ଲୁହାଗୁଣ୍ଡ, ପୋଟାସିୟମ୍, ପରକ୍ଲୋରେଟ୍, ଷ୍ଟ୍ରୋନ୍‌ସିଅମ୍ ନାଇଟ୍ରେଟ୍ ଇତ୍ୟାଦି। ଦହନ ସମୟରେ ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ସଲଫର ଡାଇଅକ୍‌ସାଇଡ ଓ ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଗବେଷଣାରୁ ଏହା ଜଣାପଡ଼େ ଯେ ରକେଟ୍ ବାଣ ଓ ଅନାରକଲି ବାଣ ଦ୍ୱାରା ପଲିକ୍ଲୋରିନେଟେଡ୍ ଡାଇଅକ୍ସିନ୍ ଏବଂ ଫ୍ୟୁରୋନ୍ ଭଳି କେତେକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗମନ ହୋଇଥାଏ।

ବର୍ଷକ ତମାମ ଭିତରେ ବିଶେଷକରି ଓଡ଼ିଆ ମାନଙ୍କ ପାଇଁ ପୁଣ୍ୟ କାର୍ତ୍ତିକ ଭିତରେ ଆସିଥାଏ ଏହି ଶୁଭ ଦୀପାବଳି। ଯାହାକି ହେଉଛି ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ଆନନ୍ଦ, ତ୍ୟାଗ, ପ୍ରେରଣା ଓ ଉତ୍ସର୍ଗୀକୃତ ଚିନ୍ତା ଚେତନାର ପବିତ୍ର ସ୍ମୃତି ପୁଣ୍ୟ ତିଥି ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ହୁଏତ ଜାଣି ନଥାନ୍ତି ବାଣ ଫୁଟାଇବା ଓ ଆତସବାଜି ଦ୍ୱାରା ବାୟୁମଣ୍ଡଳରେ ବିଷାକ୍ତ ଭାରି ଧାତୁର ମାତ୍ରା ପ୍ରାୟ ୫୦ ରୁ ୧୦୦ଗୁଣ ବୃଦ୍ଧି ପାଇଥିବାର ଦୃଷ୍ଟାନ୍ତ ମିଳେ। ସାଧାରଣତଃ ବାଣଗୁଡ଼ିକରେ ୭୫ ପ୍ରତିଶତ ପୋଟାସିୟମ୍ ନାଇଟ୍ରେଟ୍, ୧୫ ପ୍ରତିଶତ କାର୍ବନ (ଅଙ୍ଗାରକ) ଓ ୧୦ ପ୍ରତିଶତ ସଲ୍‌ଫର (ଗନ୍ଧକ) ଥାଏ। ଶୀତ ଋତୁରେ ଦୀପାବଳି ପାଳନ ହୋଇଥାଏ ଏବଂ ଏହି ଋତୁରେ ପବନର ପ୍ରସାର ହ୍ରାସ ପାଇବା ଯୋଗୁଁ ନିର୍ଗତ ହୋଇଥିବା ବିଷାକ୍ତ ବାଷ୍ପଗୁଡ଼ିକ ବାୟୁମଣ୍ଡଳରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଯାଏ ଯାହାଦ୍ୱାରା ପ୍ରଦୂଷଣର ପ୍ରଭାବ ବୃଦ୍ଧି ପାଏ। ଏହିସବୁ ବିଷାକ୍ତ ବାଷ୍ପ ଯୋଗୁଁ ଫୁସ୍‌ଫୁସ୍ ଜନିତ ରୋଗ, ବ୍ରୋଙ୍କାଇଟିସ୍, ଚକ୍ଷୁ, ଗଳାଜନିତ ରୋଗ, ହୃଦ୍‌ରୋଗ ଆଦିର ଶିକାର ମନୁଷ୍ୟ ହୋଇଥାଏ। ଏହା ବ୍ୟତୀତ ଦୀପାବଳି ଅବସରରେ ଧ୍ୱନି ପ୍ରଦୂଷଣ ମଧ୍ୟ ବ୍ୟାପକ ହୋଇଥାଏ। ଧ୍ୱନି ପ୍ରଦୂଷଣ ହୃଦ୍‌ରୋଗୀଙ୍କ ପାଇଁ ଭୟାବହ। ଧ୍ୱନିର ମାତ୍ରା ଏହି ସମୟରେ ୧୦୦ରୁ ୧୪୦ ଡେସିବେଲ୍ ପର୍ଯ୍ୟନ୍ତ ପହଞ୍ଚିଥାଏ ଯାହାକି ମାରାତ୍ମକ। ଏହାଦ୍ୱାରା ଆମ ଶରୀରରେ ଆଡ୍ରେନାଲିନ୍ ନାମକ ହରମୋନ୍‌ର ମାତ୍ରା ଅଧିକ ହୋଇଥାଏ। ଯାହାଫଳରେ ରକ୍ତଚାପର ବୃଦ୍ଧି ଘଟିଥାଏ। ତେଣୁ ଏହିସବୁ ବିପଦକୁ ଆମନ୍ତ୍ରଣ କରିବା ଅପେକ୍ଷା କେବଳ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବା ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା। ଆମ ସମସ୍ତଙ୍କ ପାଇଁ ମାନବର ଅଙ୍ଗପ୍ରତ୍ୟଙ୍ଗ ଭିତରେ କାନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅସଚେତନତା ପାଇଁ ଆମେ ଏହାକୁ ଗୁରୁତ୍ୱ ଦେଇନଥାଉ। ଦୀପାବଳିରେ ବାଣ ଓ ବାହ୍ୟ ଖର୍ଚ୍ଚ ଅପେକ୍ଷା ଆମ ସମସ୍ତଙ୍କ ଭିତରେ ରହିଥିବା ସ୍ୱାର୍ଥପରତା, ମିଥ୍ୟାବାଦୀତା ବା ଅନ୍ୟ ଯେକୌଣସି ଗୁଣକୁ ଏହି ପୁଣ୍ୟ ପାର୍ବଣ ଦୀପାବଳିରେ ସମର୍ପଣ କରିପାରିଲେ ଏହା ହିଁ ହେବ ସବୁଠାରୁ ବଡ଼ ସ୍ମରଣ ଆଲୋକ ଓ ଆନନ୍ଦର ମହାପାର୍ବଣ - ଦୀପାବଳି।

*ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'*
*କାଠଗୋଳା ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

# ଦୁଇ ମାସର ସାଥୀ ମିନି ମୁନ୍



ଯଶସ୍ୱିନୀ ପଟ୍ଟନାୟକ

ଏଇ ମାସ ଶେଷ ସୁଦ୍ଧା ପୃଥିବୀକୁ ମିଳିବ ଏକ ନୂଆ ସାଥୀ। ତେବେ ଏହା ଅସ୍ଥାୟୀ। ୨୦୨୪ ପିଟି ୫ ନାମକ ଏକ କ୍ଷୁଦ୍ର ଗ୍ରହାଣୁକୁ ପୃଥିବୀର ମାଧ୍ୟାକର୍ଷଣ ସ୍ୱଳ୍ପ ଅବଧି ପାଇଁ ନିଜ କକ୍ଷରେ ଧରି ରଖିବ। ଗ୍ରହାଣୁକୁ ମିନି ମୁନ ନାମରେ ସମ୍ବୋଧନ କରାଯାଉଛି। ଏହି ଘଟଣା ହାରାହାରି ଦୁଇ ମାସ ପର୍ଯ୍ୟନ୍ତ, ଅର୍ଥାତ୍ ଚଳିତ ସେପ୍ଟେମ୍ବର ୨୯ ତାରିଖରୁ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଏହି ମହାଜାଗତିକ ଘଟଣା ବେଶ ରୋମାଞ୍ଚକର ହୋଇଥିଲେ ମଧ୍ୟ ମିନି ମୁନକୁ ଦେଖିବା କଷ୍ଟକର ହେବ। ଆସନ୍ତୁ ପ୍ରଥମେ ଜାଣିବା ମିନି ମୁନ୍ କ'ଣ ମିନି ମୁନ୍ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡୀୟ ପିଣ୍ଡ, ଯାହା ସାଧାରଣତଃ ଏକ ଗ୍ରହାଣୁ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏହାକୁ ଅସ୍ଥାୟୀ ରୂପେ ନିଜ କକ୍ଷରେ ଧରି ରଖେ। ଏ ପ୍ରକାର ଘଟଣା ପ୍ରତି କିଛି ଦଶନ୍ଧିରେ ଘଟେ। ଗତ ଅଗଷ୍ଟ ୭ ତାରିଖରେ ଆଷ୍ଟରଏଡ ଟେରେଷ୍ଟ୍ରିଆଲ ଇମ୍ପ୍ୟାକ୍ଟ ଲାଷ୍ଟ ଆଲର୍ଟ ସିଷ୍ଟମ ଦ୍ୱାରା ୨୦୨୪ ପିଟି୫ ଗ୍ରହାଣୁ ଆବିଷ୍କୃତ ହୋଇଥିଲା। ମାତ୍ର ୩୩ ଫୁଟ (୧୦ ମିଟର) ଚଉଡା ହୋଇଥିବାରୁ ସ୍ୱତନ୍ତ୍ର ସରଞ୍ଜାମ ବିନା ଏହାକୁ ଦେଖିବା ସମ୍ଭବ ନୁହେଁ। କ୍ଷୀଣ ପରିସ୍ଥିତି ସତ୍ତ୍ୱେ ୨୦୨୪ ପିଟି୫ ପୃଥିବୀର ମାଧ୍ୟାକର୍ଷଣରୁ ମୁକ୍ତ ହେବା ପୂର୍ବରୁ ଏବଂ ସୂର୍ଯ୍ୟ କେନ୍ଦ୍ରିତ କକ୍ଷକୁ ଫେରିବା ପୂର୍ବରୁ ପୃଥିବୀ ଚତୁପାର୍ଶ୍ୱରେ ଗୋଟିଏ ପୂର୍ଣ୍ଣ ପରିକ୍ରମା ଶେଷ କରିବ। ଏ ପ୍ରକାର ମିନି ମୁନକୁ ପୂର୍ବରୁ ଅବଲୋକନ କରାଯାଇଛି। ୧୯୮୧ ଓ ୨୦୨୨ ମସିହାରେ ଏଭଳି ଘଟଣା ଘଟିଥିଲା। ୨୦୨୨ ଏନଏକ୍ସଆଇ ଗ୍ରହାଣୁ ନିଜର ବ୍ରହ୍ମାଣ୍ଡୀୟ ଯାତ୍ରା ଜାରି ରଖିବା ପୂର୍ବରୁ ପୃଥିବୀର ଅସ୍ଥାୟୀ ସାଥୀ ହୋଇଥିଲା। ମିନି ମୁନକୁ କେମିତି ଧରିରଖେ ପୃଥିବୀ ? : ନିଅର ଆର୍ଥ ଅବଜେକ୍ଟ ସମୂହରୁ ମିନି ମୁନକୁ କାବୁ କରାଯାଏ। ପୃଥିବୀ ନିକଟରେ ଗତି କରୁଥିବା ଗ୍ରହାଣୁ ଓ ଅନ୍ୟ ବ୍ରହ୍ମାଣ୍ଡୀୟ ପିଣ୍ଡ ଏହି ସମୂହରେ ଥାନ୍ତି। ପୃଥିବୀ ୧୯ କୋଟି କିମି ଦୂରତା ମଧ୍ୟରେ ଆସୁଥିବା ଯେ କୌଣସି ମହାକାଶ ପିଣ୍ଡକୁ ନାସା ନିଅର ଆର୍ଥ ଅବଜେକ୍ଟ ବା ପୃଥିବୀ ନିକଟସ୍ଥ ପିଣ୍ଡ ରୂପେ ବର୍ଗୀକୃତ କରିଛି। ପୃଥିବୀର ୭୫ ଲକ୍ଷ କିମି ଦୂରରେ ଥିବା ପିଣ୍ଡ ଗୁଡ଼ିକୁ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସୌଭାଗ୍ୟବଶତଃ ୨୦୨୪ ପିଟି୫ ଗ୍ରହାଣୁକୁ ନେଇ ପୃଥିବୀକୁ କୌଣସି ବିପଦ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗବେଷକଙ୍କ ଅନୁସାରେ ୨୦୨୪ ପିଟି୫ ଗ୍ରହାଣୁ ଏକ ଆପୋଲୋ ଶ୍ରେଣୀୟ ମହାକାଶ ପିଣ୍ଡ। ୨୦୨୨ ଏନଏକ୍ସଆର ଭଳି ପୂର୍ବ ମିନି ମୁନ ଭଳି ଏହା ସମାନ କକ୍ଷରେ ପରିକ୍ରମା କରୁଛି। ଏହି କ୍ଷୁଦ୍ର ପିଣ୍ଡ କିଛି ସପ୍ତାହ କିମ୍ବା କିଛି ମାସ ଧରି ନକାରାତ୍ମକ ଭୂକେନ୍ଦ୍ରୀୟ ଉର୍ଜ୍ଜା ହାସଲ କରିବା ଯୋଗୁଁ ଅସ୍ଥାୟୀ ଚନ୍ଦ୍ର ହୋଇଯାଆନ୍ତି। ତେବେ ଏ ପ୍ରକାର ଦୀର୍ଘକାଳୀନ ଘଟଣା ସେତେବେଳେ ଘଟେ ଯେତେବେଳେ ଏହି ପିଣ୍ଡ ପୃଥିବୀ କକ୍ଷରେ ବର୍ଦ୍ଧିତ ଅବଧି ପର୍ଯ୍ୟନ୍ତ ରହନ୍ତି। ଏହି ଘଟଣା ଅତ୍ୟନ୍ତ ବିରଳ। ପ୍ରତି ୧୦-୨୦ ବର୍ଷରେ ଥରେ ଘଟିଥାଏ। ସୂର୍ଯ୍ୟ ଦ୍ୱାରା ସୃଷ୍ଟ ମାଧ୍ୟାକର୍ଷଣ ସମ୍ବନ୍ଧୀୟ ବ୍ୟାଘାତ ପୃଥିବୀ କକ୍ଷରୁ ଏହି ମିନି ମୁନଙ୍କ ହଟିବାର କାରଣ ହୋଇଥାଏ। ୨୦୨୪ ପିଟି୫ ମିନି ମୁନ ଭାବେ ପୃଥିବୀ ଚତୁପାର୍ଶ୍ୱରେ ଥରେ ନିଜର ପୂର୍ଣ୍ଣ ପରିକ୍ରମା ଶେଷ କରିବା ପରେ ତାହା ନିଜର ଉତ୍ପତ୍ତି ସ୍ଥଳ ଅର୍ଜୁନ ଗ୍ରହାଣୁ ବେଲ୍ଟକୁ ଫେରିଯିବ।

ମିନିମୁନର ଭବିଷ୍ୟତ : ୨୦୨୪ ପିଟି୫ ଭଳି ମିନିମୁନ ନକ୍ଷତ୍ର ବିଜ୍ଞାନରେ କୌତୁହଳଠୁ ବହୁତ ଅଧିକ। ଭବିଷ୍ୟତ ମହାକାଶ ଅନ୍ୱେଷଣରେ ଏହି କ୍ଷୁଦ୍ର ଗ୍ରହାଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ଏଥିରେ ମୂଲ୍ୟବାନ ଖଣିଜ ଓ ଜଳ ରହିଛି, ଯାହା ମହାକାଶଯାନ ପାଇଁ ଇନ୍ଧନ ରୂପେ ଉପଯୋଗୀ ହୋଇପାରିବ। କ୍ଷୁଦ୍ରଗ୍ରହ ଖନନର ଯୋଜନା କରୁଥିବା କମ୍ପାନୀଙ୍କ ପାଇଁ ଏ ପ୍ରକାର ମିନି ମୁନର ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବ ମହାକାଶ ମିଶନରେ ମଧ୍ୟ ଏହା ସହାୟକ ହୋଇପାରିବ ବୋଲି ଗବେଷକମାନେ କହିଛନ୍ତି। ଏହା ବିଶେଷକରି ପିଲାମାନଙ୍କ ପାଠପଢ଼ା ପାଇଁ ଅତ୍ୟନ୍ତ ଉପାଦେୟ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ବିଷ୍ଣୁ ଅବତାର ଧନ୍ୱନ୍ତରୀ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଧନ୍ୱନ୍ତରୀଙ୍କୁ ହିନ୍ଦୁ ଧର୍ମରେ ଦେବବୈଦ୍ୟର ମାନ୍ୟତା ଦିଆଯାଇଛି। ମହାନ ଚିକିତ୍ସକ ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ଅବତାର ଥିଲେ। ଦେବ ଏବଂ ଦାନବ ମିଶି ସମୁଦ୍ର ମନ୍ଥନ କରିବା ସମୟରେ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରୀ ସମୁଦ୍ର ମନ୍ଥନରୁ ପ୍ରକଟ ହୋଇଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ, ଶରତ ପୂର୍ଣ୍ଣିମାରେ ଚନ୍ଦ୍ରଦେବ, କାର୍ତ୍ତିକ ଦ୍ୱାଦଶୀରେ କାମଧେନୁ, ତ୍ରୟୋଦଶୀରେ ଧନ୍ୱନ୍ତରୀ, ଚତୁର୍ଦ୍ଦଶୀରେ କାଳୀ ମାତା ଏବଂ ଅମାବାସ୍ୟାରେ ଭଗବତୀ ଲକ୍ଷ୍ମୀ ସାଗର ମନ୍ଥନରୁ ପ୍ରକଟ ହୋଇଥିଲେ। ଏହି କାରଣରୁ ଦୀପାବଳିର ଦୁଇ ଦିନ ପୂର୍ବରୁ ଧନ୍‌ତେରସ୍ ଦିନ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଏହି ଦିନ ହିଁ ଭଗବାନ ଧନ୍ୱନ୍ତରୀ ଆୟୁର୍ବେଦର ସୃଷ୍ଟି କରିଥିବା ଜଣାଯାଏ। ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ରୂପ ହୋଇଥିବାରୁ ତାଙ୍କର ଚାରି ବାହୁ ରହିଛି। ସେ ଦୁଇ ବାହୁରେ ଶଙ୍ଖ ଏବଂ ଚକ୍ର ଧାରଣ କରିଥାନ୍ତି। ଅନ୍ୟ ଦୁଇ ବାହୁରେ ଯଥାକ୍ରମେ ଔଷଧି ଏବଂ ଅମୃତ କଳସ ଧାରଣ କରିଥାନ୍ତି। ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ହେଉଛି ପିତ୍ତଳ। ସେଥିପାଇଁ ଧନତେରସ ଦିନ ପିତ୍ତଳ ଧାତୁ କ୍ରୟ କରିବାର ପରମ୍ପରା ରହିଛି। ଧନ୍ୱନ୍ତରୀଙ୍କୁ ଆୟୁର୍ବେଦ ଚିକିତ୍ସାର ସ୍ରଷ୍ଟା ତଥା ଆରୋଗ୍ୟ ଦେବତା ରୂପେ ଉପାସନା କରାଯାଇଥାଏ। ସେ ହିଁ ଅମୃତମୟ ଔଷଧିର ଅନୁସନ୍ଧାନ କରିଥିଲେ। ଦ୍ୱାପର ଯୁଗରେ ଧନ୍ୱନ୍ତରୀ ପୁନଃ ଧରାପୃଷ୍ଠରେ ଜନ୍ମ ନେଇଥିଲେ। ତାଙ୍କରି ବଂଶରେ ଦିବୋଦାସ ଜନ୍ମ ନେଇଥିଲେ। ସେ କାଶୀ ଠାରେ ଶଲ୍ୟ ଚିକିତ୍ସାର ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହି ବିଶ୍ୱବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଥିଲେ ମହାନ ଆୟୁର୍ବେଦ ଚିକିତ୍ସକ ଶୁଶ୍ରୁତ। ଶୁଶ୍ରୁତ ଥିଲେ ଦିବୋଦାସଙ୍କର ଶିଷ୍ୟ ଏବଂ ଋଷି ବିଶ୍ୱାମିତ୍ରଙ୍କ ପୁତ୍ର। ସେ ଶୁଶ୍ରୁତ ସଂହିତାର ରଚନା କରିଥିଲେ। ଶୁଶ୍ରୁତଙ୍କୁ ବିଶ୍ୱର ପ୍ରଥମ ଶଲ୍ୟ ଚିକିତ୍ସକ କୁହାଯାଏ। ଦୀପାବଳି ପୂର୍ବରୁ କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଧନତେରାସ ଦିନ ଭଗବାନ ଧନ୍ୱନ୍ତରୀଙ୍କୁ ପୂଜା କରିବା ଦ୍ୱାରା ଆୟୁ ତଥା ଆରୋଗ୍ୟ ପ୍ରାପ୍ତ ହୋଇଥାଏ। ଭଗବାନ ଶଙ୍କର ବିଷପାନ କରିଥିଲେ, ଧନ୍ୱନ୍ତରୀ ଅମୃତ ପ୍ରଦାନ କରିଥିଲେ। ଏହି ଦୁଇ ଦେବତାଙ୍କ ଦ୍ୱାରା ପବିତ୍ର କାଶୀ ନଗରୀ କାଳଜୟୀ ହୋଇଥିଲା।

ଭଗବାନ ଧନ୍ୱନ୍ତରୀ ସମସ୍ତ ରୋଗର ନିବାରଣ ତଥା ଚିକିତ୍ସା କରିପାରୁଥିଲେ। ସେ ଭରଦ୍ୱାଜଙ୍କ ଠାରୁ ଆୟୁର୍ବେଦ ଶିକ୍ଷା ଗ୍ରହଣ କରି ତାହାକୁ ଅଷ୍ଟାଙ୍ଗ ମାର୍ଗରେ ବିଭକ୍ତ କରିଥିଲେ। ଏହାପରେ ଏହି ବିଦ୍ୟା ସେ ନିଜ ଶିଷ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ବୈଦିକ କାଳରେ ଅଶ୍ୱିନୀ କୁମାର ମାନଙ୍କୁ ଯେଉଁ ମହତ୍ତ୍ୱ ଏବଂ ସ୍ଥାନ ପ୍ରାପ୍ତ ହୋଇଥିଲା ପୌରାଣିକ କାଳରେ ଧନ୍ୱନ୍ତରୀଙ୍କୁ ସେଭଳି ଗୁରୁତ୍ୱ ଦିଆଯାଇଥିଲା। ଅଶ୍ୱିନୀ କୁମାରଙ୍କ ହାତରେ ମଧୁ କଳସ ଥିଲା। ଭଗବାନ ଧନ୍ୱନ୍ତରୀଙ୍କ ହାତରେ ଅମୃତ କଳସ ରହିଥିଲା। ଭଗବାନ ବିଷ୍ଣୁ ସମଗ୍ର ସଂସାରର ପାଳନକର୍ତ୍ତା। ତାଙ୍କ ଅବତାର ହୋଇଥିବା କାରଣରୁ ଭଗବାନ ଧନ୍ୱନ୍ତରୀ ମାନବ ସମାଜକୁ ସମସ୍ତ ପ୍ରକାରର ରୋଗରୁ ମୁକ୍ତି ଦେଇଥାନ୍ତି। ଏହି କାରଣରୁ ସେ ବିଷ୍ଣୁଙ୍କ ଅଂଶ ରୂପରେ ପୂଜା ପାଉଛନ୍ତି। ବିଷ ବିଦ୍ୟା ସମ୍ବନ୍ଧରେ ମହାଭାରତରେ ତକ୍ଷକ ଏବଂ ମହର୍ଷି କଶ୍ୟପଙ୍କ ମଧ୍ୟରେ ଯେଉଁ ଆଲୋଚନା ରହିଛି, ଠିକ୍ ସେହିପରି ଆଲୋଚନା ଧନ୍ୱନ୍ତରୀ ଏବଂ ନାଗଦେବୀ ମନସାଙ୍କ ମଧ୍ୟରେ ହୋଇଥିବା ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି। ଧନ୍ୱନ୍ତରୀଙ୍କୁ ଗରୁଡ଼ଙ୍କ ଶିଷ୍ୟ ମଧ୍ୟ କୁହାଯାଏ। ଭଗବାନ ଧନ୍ୱନ୍ତରୀଙ୍କ ସାଧନା ନିମନ୍ତେ ସହଜ ମନ୍ତ୍ରଟି ହେଉଛି 'ଓଁ ଧନ୍ୱନ୍ତରୟେ ନମଃ'। ଏହା ବ୍ୟତୀତ 'ଓଁ ନମୋ ଭଗବତେ ମହାସୁଦର୍ଶନାୟ ବାସୁଦେବାୟ ଧନ୍ୱଂତରାୟେଃ'। ଅମୃତ କଳସ ହସ୍ତାୟ ସର୍ବ ଭୟ ବିନାଶାୟ ସର୍ବରୋଗନିବାରଣାୟ, ତ୍ରିଲୋକପଥାୟ ତ୍ରିଲୋକନାଥାୟ ଶ୍ରୀ ମହାବିଷ୍ଣୁସ୍ୱରୂପ ଶ୍ରୀ ଧନ୍ୱନ୍ତରୀ ସ୍ୱରୂପ ଶ୍ରୀ ଶ୍ରୀ ଶ୍ରୀ ଔଷଧଚକ୍ର ନାରାୟଣାୟ ନମଃ। ଅର୍ଥାତ୍ ହେ ପରମଭଗବାନ, ହେ ସୁଦର୍ଶନ ବାସୁଦେବ ଧନ୍ୱନ୍ତରୀ, ହେ ଅମୃତକଳସଧାରୀ, ସର୍ବ ଭୟନାଶକ, ସର୍ବରୋଗନାଶକ, ତିନି ଲୋକର ସ୍ୱାମୀ, ତିନିଲୋକର ସଞ୍ଚାଳନକାରୀ, ହେ ବିଷ୍ଣୁ ସ୍ୱରୂପ ଧନ୍ୱନ୍ତରୀ ଆପଣଙ୍କୁ ପ୍ରଣାମ। ଏହି ମନ୍ତ୍ର ଜପ କରି ଧନ୍‌ତେରସ୍ ଦିନ ଧନ୍ୱନ୍ତରୀଙ୍କୁ ଉପାସନା କରାଯାଇପାରିବ। ମହାଭାରତ ତଥା ପୁରାଣରେ ଭଗବାନ ବିଷ୍ଣୁ ଅଂଶ ରୂପରେ ଧନ୍ୱନ୍ତରୀଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ତାଙ୍କର ଆବିର୍ଭାବ ସମୁଦ୍ର ମନ୍ଥନ ସମୟରେ ହୋଇଥିଲା। ସେ ଅମୃତ କଳସ ଧରି ପ୍ରକଟ ହେଲେ ଏବଂ ଭଗବାନ ବିଷ୍ଣୁଙ୍କୁ ନିବେଦନ କରି କହିଲେ ହେ, ପ୍ରଭୁ ଆପଣ କୌଣସି ଲୋକରେ ମୋର ସ୍ଥାନ ତଥା ଦେବ ଭାଗ ନିର୍ଦ୍ଧାରଣ କରନ୍ତୁ। ଏହାଶୁଣି ଭଗବାନ ବିଷ୍ଣୁ କହିଲେ, ଯଜ୍ଞ ଭାଗ ପୂର୍ବରୁ ଦେବଗଣ ପ୍ରାପ୍ତ କରିସାରିଛନ୍ତି। ତେଣୁ ଆପଣଙ୍କୁ କୌଣସି ଭାଗ ଦେବା ସମ୍ଭବପର ନୁହେଁ। ଦେବତାଙ୍କ ପରେ ପ୍ରକଟ ହୋଇଥିବାରୁ ଆପଣ ପୂର୍ଣ୍ଣ ଦେବତା ହୋଇପାରିବେ ନାହିଁ। ତେଣୁ ଦେବତ୍ୱ ପ୍ରାପ୍ତ କରିବାକୁ ହେଲେ ଆପଣଙ୍କୁ ପୁଣିଥରେ ମର୍ତ୍ତ୍ୟଲୋକରେ ଜନ୍ମ ନେବାକୁ ପଡ଼ିବ। ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେବା ପରେ ଆପଣ ସିଦ୍ଧି ପ୍ରାପ୍ତ କରିବେ ଏବଂ ତିନି ଲୋକରେ ପ୍ରସିଦ୍ଧି ଅର୍ଜନ କରିବେ। ଆପଣଙ୍କୁ ସେହି ଶରୀରରେ ଦେବତ୍ୱ ପ୍ରାପ୍ତ ହେବ। ବ୍ରାହ୍ମଣମାନେ ଭଗବାନଙ୍କ ରୂପରେ ଆପଣଙ୍କୁ ପୂଜା କରିବେ। ଆପଣ ଆୟୁର୍ବେଦର ଅଷ୍ଟାଙ୍ଗ ବିଭାଜନ କରିବେ। ଦ୍ୱାପର ଯୁଗରେ ଆପଣ ପୁଣି ଜନ୍ମ ନେବେ ଏଥିରେ କୌଣସି ସନ୍ଦେହ ନାହିଁ।

ଭଗବାନ ବିଷ୍ଣୁଙ୍କ ଠାରୁ ବରଦାନ ଲାଭ କରିବା ପରେ ଭଗବାନ ଧନ୍ୱନ୍ତରୀ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସମୟ ଆସିବାରୁ କାଶୀରାଜ ଧନ୍ୱ ପୁତ୍ର ପ୍ରାପ୍ତି ନିମନ୍ତେ କଠୋର ତପସ୍ୟା କଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ବରଦାନ ଦେଲେ। ଧନ୍ୱଙ୍କ ଦିବ୍ୟ ପୁତ୍ର ଧନ୍ୱନ୍ତରୀ ନାମରେ ପ୍ରସିଦ୍ଧ ହେଲେ। ଉଲ୍ଲେଖଯୋଗ୍ୟ ଯେ କାଶୀ ନଗରୀର ପ୍ରତିଷ୍ଠାତା କାଶଙ୍କ ପୁତ୍ର ଥିଲେ ଧନ୍ୱ। ଜନ୍ମ ନେବା ପରେ ଧନ୍ୱନ୍ତରୀ ଆୟୁର୍ବେଦ ଜ୍ଞାନ ଆହରଣ କରିବା ସହିତ ଏହାର ପ୍ରଚାର ପ୍ରସାର କରିଥିଲେ। ଆୟୁର୍ବେଦ ସମ୍ପର୍କରେ ସୁଶ୍ରୁତ ଉଲ୍ଲେଖ କରିଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା ପ୍ରଥମ ଥର ଏକ ଲକ୍ଷ ଶ୍ଳୋକ ରଚନା କରି ଆୟୁର୍ବେଦ ଶାସ୍ତ୍ର ରଚନା କରିଥିଲେ। ଏଥିରେ ସହସ୍ର ଅଧ୍ୟାୟ ଥିଲା। ଏହି ଶାସ୍ତ୍ରକୁ ପ୍ରଥମେ ପ୍ରଜାପତି ପାଠ କରିଥିଲେ। ଏହାପରେ ଅଶ୍ୱିନୀ କୁମାର ଏବଂ ଦେବରାଜ ଇନ୍ଦ୍ର ପାଠ କରିଥିଲେ। ତାଙ୍କଠାରୁ ଧନ୍ୱନ୍ତରୀ ଆୟୁର୍ବେଦ ପାଠ କରିଥିଲେ। ଭାବପ୍ରକାଶ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ ଆତ୍ରେୟ ପ୍ରମୁଖ ମୁନିଗଣ ଇନ୍ଦ୍ରଙ୍କ ଠାରୁ ଆୟୁର୍ବେଦ ଜ୍ଞାନ ପ୍ରାପ୍ତ କରି ଅଗ୍ନିବେଶ ତଥା ଅନ୍ୟ ଶିଷ୍ୟମାନଙ୍କୁ ପ୍ରଦାନ କରିଥିଲେ। ଏହାପରେ ଅଗ୍ନିବେଶ ଏବଂ ଅନ୍ୟ ଶିଷ୍ୟମାନେ ରଚନା କରିଥିବା ଆୟୁର୍ବେଦ ଗ୍ରନ୍ଥରୁ ଗୁରୁତ୍ୱପୂର୍ଣ୍ଣ ଭାଗ ସଂକଳିତ କରି ଚରକ ମୁନି ଚରକ ସଂହିତା ରଚନା କରିଥିଲେ।

***ସହପ୍ରତିରକ୍ଷ୍ଟିକ ଓ ପ୍ରଫେସର,***
***ହେପାଟୋଲୋଜି ବିଭାଗ,***
***ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,***
***ଦୂରଭାଷ : ୯୪୩୭୦୫୧୯୫୭***




# କେନ୍ଦୁଝରେ ପୁଲିସ ପକ୍ଷରୁ ୬୫ତମ ସହିଦ ଦିବସ ପାଳିତ, ସହିଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲା କେନ୍ଦୁଝର ପୋଲିସ

କେନ୍ଦୁଝର,(ପି.ଏନ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ଜିଲା ଆରକ୍ଷୀ ପ୍ରଶାସନ ପକ୍ଷରୁ ସୋମବାର ୬୫ତମ ପୁଲିସ ସହିଦ ଦିବସ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ଦେଶମାତୃକା ପ୍ରତି ତ୍ୟାଗ ଓ ବଳିଦାନ କରିଥିବା ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶରେ ଆତଙ୍କବାଦ, ନକ୍ସଲବାଦ ଓ ଦେଶଦ୍‌ରୋହ ପରି ଗୁରୁତର ସମସ୍ୟାର ଉଚିତ ମୁକାବିଲା କରିବାକୁ ଯବାନମାନେ କିପରି ଦାୟିତ୍ୱବୋଧ ଭାବେ ନିଜ ଗୁରୁଦାୟିତ୍ୱକୁ ସମ୍ପାଦନ କରି ଆସୁଥିବା ନେଇ ଆରକ୍ଷୀ ଅଧିକ୍ଷକ କୁଶଲକର ଭୂୟସୀ ପ୍ରଶଂସା କରିଥିଲେ। ଯେଉଁ ପୁଲିସ କର୍ମଚାରୀମାନେ ଦେଶମାତୃକା ପାଇଁ ପ୍ରାଣ ଦେଇଛନ୍ତି ତାଙ୍କର ନିଷ୍ଠା, ତ୍ୟାଗ ଓ ବଳିଦାନ ଅନ୍ୟ କର୍ମଚାରୀଙ୍କ ପ୍ରତି ସର୍ବଦା ଦିଗ୍ ?ଦର୍ଶନ ଭାବେ ପ୍ରେରଣା ଯୋଗାଇବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ କୁଶଲକର କହିଥିଲେ। ପୁଲିସ କର୍ମଚାରୀମାନେ ସମାଜ ବିରୋଧି, ଆତଙ୍କବାଦୀ ଓ ଦୁର୍ଦ୍ଦାନ୍ତ ଅପରାଧିଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ପ୍ରତି ଉଲ୍ଲେଖନୀୟ ସେବା ଯୋଗାଇ ଆସୁଥିବାରୁ ଭାରତୀୟ ଆରକ୍ଷୀ ବାହିନୀ ମଧ୍ୟରେ ଓଡ଼ିଶା ଆରକ୍ଷୀର ଗୌରବ ଯଥେଷ୍ଟ ଊର୍ଦ୍ଧ୍ୱରେ ରହିଛି ବୋଲି ସେ କହିଥିଲେ। ୧ ସେପ୍ଟେମ୍ବର ୨୦୨୩ରୁ ୩୧ଅଗଷ୍ଟ ୨୦୨୪ ମଧ୍ୟରେ ସମଗ୍ର ଦେଶରେ ୨୧୬ଜଣ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଦେଶମାତୃକା ପାଇଁ ପ୍ରାଣବଳି ଦେଇ ସହିଦ ହୋଇଥିବା ବେଳେ ଓଡ଼ିଶାରୁ ସହିଦ ହାବିଲଦାର ପ୍ରଦୀପ କୁମାର ମଲ୍ଲିକ ଓ କନେଷ୍ଟେବଲ ହିମାଂଶୁ ଶେଖର ରଥଙ୍କ ନାମ ଏସ୍.ପି. ଶ୍ରୀ




କୁଶଲକର ପଢ଼ି ଶୁଣାଇଥିଲେ। ଏଥିସହ ସହିଦମାନେ ପଢୁଥିବା ବିଦ୍ୟାଳୟମାନଙ୍କରେ ଜିଲାର ବିଭିନ୍ନ ଥାନା ପକ୍ଷରୁ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୪ ଏନ୍‌ସିସି ବାଟାଲିୟନ କମାଣ୍ଡିଙ୍ଗ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୁର ଘାର୍ଗେ, ଡିଏସପି (ଡିଆଇବି) ଜ୍ୟୋତିର୍ମୟ ଭୁକ୍ତା, ଡିଏସ୍‌ପି ପ୍ରଭା ଧାନ, ମମତା ନାୟକ. ଗୁରୁବାରୀ ହେମ୍ବ୍ରମ୍ ଓ ଜିତେନ୍ଦ୍ର କୁମାର ଦଳେଇ, ଆରକ୍ଷୀ ନିରୀକ୍ଷକ ମାନସ କୁମାର ବେହେରା, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ସମେତ ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ବହୁ ବରିଷ୍ଠ ପୁଲିସ ପଦାଧିକାରୀ ରିଜର୍ଭ ପୁଲିସ ପଡ଼ିଆସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.
SNTPBBS-KAVACH-082024ର
ଶୁଦ୍ଧିପତ୍ର ସଂ. 1 & 2
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ସମ୍ବନ୍ଧରେ ଆବଶ୍ୟକ ଶୁଦ୍ଧିପତ୍ର ଜାରି କରାଯାଉଛି। ଉପରୋକ୍ତ ଇ-ଟେଣ୍ଡର ସହିତ ଶୁଦ୍ଧିପତ୍ରର ସମ୍ପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ।
PR-77/CH/24-25 ଭୁବନେଶ୍ୱର

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି। ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ। ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ।




2023-2024

AD 2024-2025 N

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

